## ଏଥର ବ୍ଲକରେ ୧୫୦୫ ମାଟ୍ରିକ ପରୀକ୍ଷାର୍ଥୀ

ଭଣ୍ଡାରିପୋଖରୀ,୧୭।୨(ରାଜେନ୍ଦ୍ର ଶତପଥୀ)

ଚଳିତବର୍ଷ ଭଣ୍ଡାରିପୋଖରୀ ବ୍ଲକରେ ୧୫୦୫ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ୯ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ସେଥିମଧ୍ୟରୁ ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୧୭୩ ପରୀକ୍ଷାର୍ଥୀ, ରହଣିଆ ହାଇସ୍କୁଲରେ ୧୭୬, ନପଙ୍ଗ ଚଣ୍ଡିମାତା ହାଇସ୍କୁଲରେ ୧୫୨, ବାରିକପୁର ନୋଡାଲ ହାଇସ୍କୁଲରେ ୨୧୬, ସରସଦା ହାଇସ୍କୁଲରେ ୨୧୨, ବାଲିପୋଖରୀ ଶୁକଦେବ ଜେନା ହାଇସ୍କୁଲରେ ୧୫୪, ଯଶୋଡ଼ିକିରି ସୁବର୍ଣ୍ଣମୁଖୀ ନୋଡାଲ ହାଇସ୍କୁଲରେ ୧୫୮ଜଣ ଓ ମଧ୍ୟମା ୩୪, ବିଶୋଳ-କୁଳଣା ମୈତ୍ରୀ ହାଇସ୍କୁଲରେ ୧୧୪ ଏବଂ ମଞ୍ଜୁରୀରୋଡ଼ ଗିରିଧାରୀ ପଣ୍ଡା ହାଇସ୍କୁଲରେ ୧୧୬ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇ କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗରୁମ୍‌ରେ ପ୍ରଶ୍ନପତ୍ର ମହଜୁଦ ରଖାଯିବା ଏବଂ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପଠାଯିବା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୨ଟି ଭ୍ରାମ୍ୟମାଣ ଦଳ ଗଠନ କରାଯାଇଥିବା ନୋଡାଲ ସେଣ୍ଟର ଅଧୀକ୍ଷକ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା କହିଛନ୍ତି।

# ଦିଅଁ ଦର୍ଶନରେ ବାଧା, ହଟିବ ତାରଜାଲି

### ଆରଡ଼ି ଆଖଣ୍ଡଳମଣି ପୀଠ

ଧୁସୁରୀ,୧୭।୨ (ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲାର ଆରଡ଼ି ଆଖଣ୍ଡଳମଣି ପୀଠକୁ ପ୍ରତିଦିନ ଓଡ଼ିଶାର କୋଣାନୁକୋଣରୁ ବହୁ ଭକ୍ତ ଛୁଟି ଆସନ୍ତି। ସୋମବାର, ସଂକ୍ରାନ୍ତିରେ ପୀଠରେ ନାହିଁ ନ ଥିବା ଭିଡ଼ ହୁଏ। ପୂର୍ବରୁ ଭକ୍ତମାନେ ସୁଚାରୁ ରୂପେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିପାରୁଥିଲେ। ପ୍ରାୟ ୧୫ ବର୍ଷ ହେବ ମନ୍ଦିର ଭିତର ଦ୍ୱାର ଆଗରେ ପ୍ରଶାସନ ପକ୍ଷରୁ ତାରଜାଲି ଦିଆଯାଇଛି। ଫଳରେ ଭକ୍ତମାନେ ମନ୍ଦିର ଗର୍ଭଗୃହରେ ଥିବା ଶିବଲିଙ୍ଗ ଦର୍ଶନ କରିବାରେ ବାଧା ଉପୁଜିଛି। ଚଳିତବର୍ଷ ମହାଶିବରାତ୍ରିଠାରୁ ଏହି ତାରଜାଲି ହଟିବ ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ତଥା ଭଦ୍ରକ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ନିକଟରେ ପୀଠରେ ହୋଇଥିବା ଜାଗର ପ୍ରସ୍ତୁତି ବୈଠକରେ ସୂଚନା ଦେଇଥିଲେ।


ଆଖଣ୍ଡଳମଣି ମନ୍ଦିର ଭିତର ଦ୍ୱାର ଆଗରେ ଲାଗିଥିବା ତାରଜାଲି।

ତାରଜାଲି ଲଗା ଯାଇଥିବା ସ୍ଥାନରେ ୬ ଇଞ୍ଚ ବ୍ୟବଧାନରେ ଷ୍ଟିଲ୍‌ରେ ନିର୍ମିତ ଗ୍ରୀଲ୍ ଲାଗିବ। ଯାହାଦ୍ୱାରା ଭକ୍ତମାନେ ସହଜରେ ଦିଅଁ ଦର୍ଶନ କରିପାରିବେ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ସେବାୟତମାନେ ପ୍ରଭୁଙ୍କ ଆଗରେ ଛିଡ଼ା ହୋଇ ଭକ୍ତଙ୍କ ମଥାରେ ଟିପା ଓ ହାତରେ ଚନ୍ଦୁକ ଦେବାରୁ ଏହାକୁ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ତାରଜାଲି ଦେବାକୁ ମନ୍ଦିର ପ୍ରଶାସନ ସ୍ଥିର କରିଥିଲା। ସେତେବେଳେ ମଧ୍ୟ ଏହାକୁ ହଟାଇବା ପାଇଁ ଧରିତ୍ରୀରେ ୩ଥର ଖବର ପ୍ରକାଶ ପାଇଥିଲା। ମନ୍ଦିରରେ ସିସିଟିଭି ଲାଗିଥିବା ବେଳେ ତାହାକୁ ଯାଞ୍ଚ କରି ଯେଉଁ ସେବାୟତମାନେ ଏଭଳି କାର୍ଯ୍ୟ କରୁଥିଲେ, ସେମାନଙ୍କୁ ଦଣ୍ଡ ନ ଦେଇ ତାରଜାଲି ଲଗାଇ ଏହାକୁ ରୋକିବା ଭଳି ପନ୍ଥା ଆପଣାଇଥିଲା ପ୍ରଶାସନ। ତାରଜାଲି ଉଠିଲେ ନିୟମ କଡ଼ାକଡ଼ି କରିବା ସହ ଯେଉଁ ସେବାୟତ ଆଇନ ଉଲ୍ଲଂଘନ କରିବେ, ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ବରିଷ୍ଠ ସେବାୟତ ଜୀବନାନନ୍ଦ ପାଢ଼ୀ ମତପ୍ରକାଶ କରିଛନ୍ତି। ଦିଅଁ ଦର୍ଶନରେ ଯେଉଁମାନେ ବାଧା ସୃଷ୍ଟି କରିବେ, ସିସିଟିଭି ଫୁଟେଜ ଯାଞ୍ଚ କରି ସେମାନଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି କହିଛନ୍ତି ପୂର୍ବତନ ସରପଞ୍ଚ କିଶୋର ନାୟକ। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି ଯେ, ତାରଜାଲି ଉଠିବା ପ୍ରାୟତଃ ସ୍ଥିର ହୋଇଛି। ଏହା ଜାଗର ପରଠାରୁ କାର୍ଯ୍ୟକାରୀ ହୋଇପାରେ।

## ଅନୁପସ୍ଥିତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେବାକୁ ନିର୍ଦ୍ଦେଶ

ଭଦ୍ରକ,୧୭।୨(ରବିନାରାୟଣ ଖିଲାର)

### ଜିଲାପାଳଙ୍କ ଅଚାନକ ଗସ୍ତ

ଭଦ୍ରକ ସହର ଗେଲପୁରଠାରେ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନ ଥିବା ରୋଗୀଙ୍କ ସମ୍ପର୍କୀୟ ଅବଗତ କରାଇବାରୁ ରବିବାର ବିଳମ୍ବିତ ରାତିରେ ପହଞ୍ଚିଥିଲେ ଜିଲାପାଳ। ଏହି ସମୟରେ ଡାକ୍ତର ଉପସ୍ଥିତ ନ ଥିବା ଜାଣିବା ପରେ କାରଣ ଦର୍ଶାଅ ନୋଟିସ୍ ଦେବାକୁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନବନିର୍ମିତ ଏହି ନୂତନ ଡାକ୍ତରଖାନାରେ ମା' ଓ ଶିଶୁ ବିଭାଗରେ ଚିକିତ୍ସା ଚାଲିଛି। ସେଠାରେ ବିଭିନ୍ନ ସମୟରେ ଡାକ୍ତରଖାନାରେ ଡାକ୍ତର ରହୁ ନ ଥିବା ଅଭିଯୋଗ ହେଉଥିଲା। ରବିବାର ରାତିରେ ଜଣେ ସାପ କାମୁଡ଼ା ରୋଗୀ ଆସିଥିଲେ। ଚିକିତ୍ସା ପାଇଁ ଡାକ୍ତର ନ ଥିବା ରୋଗୀଙ୍କ ସମ୍ପର୍କୀୟ ଅବଗତ କରାଇବାରୁ ରାତି ପ୍ରାୟ ୧୧ଟା ୩୦ ବେଳେ ଜିଲାପାଳ ଦିଲୀପ ରାଉତରାଏ ଡାକ୍ତରଖାନାରେ ପହଞ୍ଚି ସମସ୍ତ ସୁବିଧା ଅସୁବିଧା ବୁଝିଥିଲେ ଓ ରୋଗୀ ଙ୍କୁ ଆଶ୍ୱାସନା ଦେଇଥିଲେ। ଡାକ୍ତର ନିଶ୍ଚୟ ଚିକିତ୍ସା କରିବେ ବୋଲି ରୋଗୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତର କେତେବେଳେ ଆସୁଛନ୍ତି କେତେବେଳେ ଯାଉଛନ୍ତି, ଠିକ୍ ଭାବେ ଚିକିତ୍ସା କରୁଛନ୍ତି କି ନାହିଁ, ଚିକିତ୍ସା ନ କରି ଡାକ୍ତରଖାନାରୁ ରୋଗୀଙ୍କୁ ସ୍ଥାନାନ୍ତର କରୁଛନ୍ତି କି ତାହା ବୁଝିବା ସହ ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଦେବା ଓ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଜିଲା ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କୁ ପଚାରିବାରୁ ସବୁ ସମାଧାନ ହୋଇଛି ବୋଲି କହିଥିଲେ।

## ଲେଖକ ସତ୍ୟପ୍ରକାଶଙ୍କୁ ଗୋଲ୍ଡେନ୍ ବୁକ୍ ଆୱାର୍ଡ

ବନ୍ତ,୧୭।୨
(ହରି ନାରାୟଣ ମହାନ୍ତି)


ଆୱାର୍ଡ ସହ ଡ. ସତ୍ୟପ୍ରକାଶ ସେଠୀ।

ଭଦ୍ରକ ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ତଥା ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାଣୀପଡ଼ା ଗ୍ରାମର ସୁନାମଧନ୍ୟ ଲେଖକ ଡ. ସତ୍ୟପ୍ରକାଶ ସେଠୀଙ୍କୁ ଗୋଲ୍ଡେନ୍ ବୁକ୍ ଆୱାର୍ଡ ମିଳିଛି। ଗତ ୧୫ ତାରିଖ ସନ୍ଧ୍ୟାରେ ପୁନେସ୍ଥିତ ଏକ ହୋଟେଲରେ ଉଇଙ୍ଗ୍‌ସ ପବ୍ଲିକେଶନ ଦ୍ୱାରା ଆୟୋଜିତ ସମାରୋହରେ ୨୦୨୫ ମସିହା ପାଇଁ ଗୋଲ୍ଡେନ ବୁକ୍ ଆୱାର୍ଡ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ସିନେତାରକା ଆଶିଷ ବିଦ୍ୟାର୍ଥୀଙ୍କଠାରୁ ଡ. ସେଠୀ ଆୱାର୍ଡ ଗ୍ରହଣ କରିଥିଲେ। ଜଣେ ଓଡ଼ିଆ ଲେଖକଙ୍କ ପାଇଁ ଅତ୍ୟନ୍ତ ଗୌରବର କଥା। ଏହା ଲେଖକମାନଙ୍କୁ ପ୍ରେରଣା ଯୋଗାଇବା ସହ ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ଏଥର ଜଣେ ଓଡ଼ିଆଙ୍କୁ ପ୍ରଥମଥର ପାଇଁ ତାଙ୍କ ଓଡ଼ିଆ କବିତା ପୁସ୍ତକ 'ସମୟର ଆରପାରି' ପାଇଁ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ସେ ଏକାଧାରରେ ଜଣେ କବି, ଗାଳ୍ପିକ ଓ ଔପନାସିକ। ପ୍ରାୟ ୨୫ ପୁସ୍ତକର ସେ ରଚୟିତା। ଯାହା ପାଠକ ମହଲରେ ବେଶ୍ ଆଦୃତ ହୋଇପାରିଛି। ପୂର୍ବରୁ ଡ. ସେଠୀ ତାଙ୍କର 'ଫୁସିଆ ମାଆ' ଗଳ୍ପ ସଂକଳନ ପାଇଁ ଏସିଆନ୍ ଟ୍ୟାଲେଣ୍ଟ ଆୱାର୍ଡ ମଧ୍ୟ ପାଇସାରିଛନ୍ତି।

## ନାଚିଲେ ନଚାଇଲେ ନକାସ ଅଜିଜ

ଭଦ୍ରକ,୧୭।୨(ସନାତନ ରାଉତ)

### ଭଦ୍ରାୟଣୀର ୪ର୍ଥ ସନ୍ଧ୍ୟା

ଭଦ୍ରକ ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳାର ରବିବାର ୪ର୍ଥ ସନ୍ଧ୍ୟାରେ ବଲିଉଡ୍ ଗାୟକ ନକାସ ଅଜିଜଙ୍କ ଗୀତରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝୁମିଥିଲେ ଦର୍ଶକ। ନକାସ ନିଜେ ନାଚିବା ସହ ଦର୍ଶକମାନଙ୍କୁ ନଚାଇଥିଲେ। ସେହିପରି ବରଗଡ଼ ଜିଲାର ସାଂସ୍କୃତିକ କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ଓଲିଉଡ୍ ନୃତ୍ୟଶିଳ୍ପୀ ଶୈଳେନ୍ଦ୍ରଙ୍କ ନୃତ୍ୟ ୪ର୍ଥ ସନ୍ଧ୍ୟାକୁ ଚିତାକର୍ଷକ କରିଥିଲା।

୪ର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ସାଂସ୍କୃତିକ ଏକତା ସହ ସମସ୍ତଙ୍କ ମଧ୍ୟରେ ଏକତା ରହିଲେ ଭଦ୍ରକର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପଦ୍ମବିଭୂଷଣ ବିଶିଷ୍ଟ ସ୍ଥପତି, ମୃତ୍ତିକାର ସୁଦର୍ଶନ ସାହୁ ଓ ପଦ୍ମଶ୍ରୀ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ କୁଙ୍କୁମ ମହାନ୍ତି ଯୋଗ ଦେଇଥିଲେ। ଭଦ୍ରକ କ୍ରାନ୍ତିକାରୀ ମହାପୁରୁଷମାନଙ୍କ ଏକ୍ଟୁଡ଼ିଶାଳ ଭାବେ ଓଡ଼ିଶାରେ ପରିଚିତ। କଳା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ନେଇ ଭଦ୍ରାୟଣୀ ମହୋତ୍ସବ ଆୟୋଜିତ ହୋଇଥିବାରୁ କଟକ ବାଲିଯାତ୍ରା ଏବଂ ବଡ଼ଦାଣ୍ଡରେ ରଥଯାତ୍ରା ଭଳି ଭିଡ଼ ଜମୁଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ପଦ୍ମବିଭୂଷଣ ସାହୁ ଓ ପଦ୍ମଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଚଳଚ୍ଚିତ୍ର ତାରକା ପୁପିନ୍ଦର ଏବଂ ଗୁନ୍‌ଗୁନ୍ ମଞ୍ଚ ସଞ୍ଚାଳନ କରିଥିଲେ।

## 'ଖବରଦାତା ସମାଜର ଜାଗ୍ରତ ପ୍ରହରୀ'


ଆମ ସାମ୍ବାଦିକ ସଂଘର ବାର୍ଷିକୋତ୍ସବରେ ମୁଖପତ୍ର ଉନ୍ମୋଚନ କରାଯାଉଛି।

ବାସୁଦେବପୁର,୧୭।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନୀଳମଣି ଟାଉନହଲ୍ ପରିସରରେ ରବିବାର ଆମ ସାମ୍ବାଦିକ ସଂଘର ୨ୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ଖବରଦାତାମାନେ ସମାଜର ଜାଗ୍ରତ ପ୍ରହରୀ। ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରିବା ସେମାନଙ୍କର ଧର୍ମ। ଅନ୍ୟାୟ ବିରୋଧରେ ଓ ସମାଜ ହିତରେ କଲମ ଚାଳନା କରିବା ଦରକାର ବୋଲି ସେ କହିଥିଲେ। ମୁଖ୍ୟବକ୍ତା ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅମରେଶ ବିଶ୍ୱାଳ ଯୋଗ ଦେଇଥିଲେ। ସଂଘ ସଭାପତି କିଶୋର କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ସଂଘର ମୁଖପତ୍ର 'ସାମ୍ବାଦିକର ସ୍ୱର' ଉନ୍ମୋଚିତ ହୋଇଥିଲା। ସେହିପରି ଲେଖକ ଡ. ସୁରେନ୍ଦ୍ର ମହାନ୍ତିଙ୍କ 'ବ୍ରହ୍ମସୂତ୍ର କଥା' ମଧ୍ୟ ଉନ୍ମୋଚନ କରାଯାଇଥିଲା। ସକାଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଓ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ, ଗୀତ ଓ ସାଂସ୍କୃତିକ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭାରେ ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ଅମରେଶ ବିଶ୍ୱାଳ ଓ ଖବରକାଗଜ ବିତରକ ମନୋରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି, ସମ୍ପାଦକଙ୍କ ସମେତ ଅମିୟ ଭୂଷଣ ମହାନ୍ତି, ସର୍ବେଶ୍ୱର ଜେନା, ମନୀନ୍ଦ୍ର ବିଶ୍ୱାଳ, ସ୍ୱାଧୀନ ଆଲୋକ ଡାଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

## 'ଦରଦୀ ମଣିଷ ଥିଲେ ପ୍ରଫୁଲ୍ଲ'

ଆଗରପଡ଼ା,୧୭।୨(ସୁଶାନ୍ତ ଦାଶ)

ଆଗରପଡ଼ା ଅଞ୍ଚଳର ପୂର୍ବତନ ରାଜନେତା, ଶିକ୍ଷାବିତ୍ ସ୍ୱର୍ଗତ ପ୍ରଫୁଲ୍ଲ ମହାପାତ୍ରଙ୍କ ୫ମ ବାର୍ଷିକୀ ଶ୍ରାଦ୍ଧ ଉତ୍ସବ ରବିବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଜନ୍ମସ୍ଥାନ ଗୋପୀନାଥପୁର ଗ୍ରାମର ମେଳଣ ପଡ଼ିଆରେ ପ୍ରଫୁଲ୍ଲ ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, କବି ଚତୁର୍ଭୁଜ ପହି, ନାରାୟଣ ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ମୋହନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ପାତ୍ର, କବି ତଥା ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଫୁଲ୍ଲ ବାବୁ ଜଣେ ଦରଦୀ ମଣିଷ ଥିଲେ ବୋଲି କହିଥିଲେ। ସ୍ମୃତି କମିଟି ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କବି କୃଷ୍ଣଚନ୍ଦ୍ର ଜେନା, ଯୁବନେତା ସତ୍ୟସାଧନ ବେଜ, ପ୍ରଦୀପ ପୁହାଣ, ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଭାସ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ରମାକାନ୍ତ ଜେନା ଅତିଥି ପରିଚୟ ଓ ଆଇନଜୀବୀ ପ୍ରତାପ ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ମହାପାତ୍ରଙ୍କ ପୁଅ ନୀହାର ରଞ୍ଜନ, ରଶ୍ମିରଞ୍ଜନ, ବିଶ୍ୱରଞ୍ଜନ, ଜ୍ଞାନରଞ୍ଜନ, ସ୍ମୃତିରଞ୍ଜନ, ଶ୍ରୀରାମ ସ୍ୱରୂପ, ଜୀବନ ଦୀପ, ସନ୍ଦୀପ, ସାଇନଦୀପ, ବୋହୂ ସଂଯୁକ୍ତା, ମାଳତୀ, ଭାରତୀ, କାକଳୀ, ଚିନ୍ମୟୀ ପ୍ରମୁଖ ପରିଚାଳନା କରିଥିଲେ।

## ଭଦ୍ରକ ଭାଜପାକୁ ଭଗବାନ୍ ଭରସା

ଭଦ୍ରକ,୧୭।୨(ସନାତନ ରାଉତ)

ଭଦ୍ରକ ଜିଲା ଭାଜପା ସଭାପତି ଭାବେ ଭଗବାନ୍ ପଣ୍ଡାଙ୍କ ନାମ ରବିବାର ରାତିରେ ଘୋଷଣା ହୋଇଛି। ଭଦ୍ରକ ସଭାପତି ପଦ ଘୋଷଣାରେ ବିଳମ୍ବ ହୋଇଥିବା ବେଳେ ଶେଷରେ ଭଗବାନଙ୍କୁ ଭରସା କରିଛି ଭାଜପା। ସୋମବାର ସକାଳୁ ଜିଲାର ପ୍ରମୁଖ ନେତା, ବିଭିନ୍ନ ମଣ୍ଡଳର ସଭାପତି, ପଦାଧିକାରୀ ଓ କର୍ମୀମାନେ ତାଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ନୂତନ ସଭାପତି ଭଗବାନ ସୋମବାର ଭଦ୍ରକାଳୀ ମନ୍ଦିରକୁ ଯାଇ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ପରେ ଇଚ୍ଛାପୁରସ୍ଥିତ ଭାରତମାତା ମନ୍ଦିରକୁ ଯାଇଥିଲେ। ସେହିପରି ତିହିଡ଼ି ବଜାରରେ ଥିବା ଭଦ୍ରକର ସଂଗ୍ରାମୀ ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପ୍ରତିମୂର୍ତ୍ତି ଓ ମଙ୍ଗରାଜପୁରସ୍ଥିତ ସମାଧୀ ପୀଠରେ ମାଲ୍ୟାର୍ପଣ କରିଥିଲେ। ପରେ ବନ୍ତ ବ୍ଲକର ଓଡ଼ଙ୍ଗସ୍ଥିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ସେଠୀଙ୍କ ପ୍ରତିମୂର୍ତ୍ତି ଓ ସମାଧୀ ପୀଠରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଭଦ୍ରକର ଭାଜପା ନେତା ସ୍ୱର୍ଗତ ରାୟରାମାନନ୍ଦ ମହାପାତ୍ରଙ୍କ ସମାଧୀ ପୀଠରେ ମାଲ୍ୟାର୍ପଣ କରି ସେ ଆର୍ଶୀବାଦ ନେଇଛନ୍ତି।


ନୂତନ ଜିଲା ସଭାପତି ଭଗବାନ ପଣ୍ଡାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ଜିଲାରେ କେବଳ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀକୁ ଛାଡ଼ି ଦେଲେ ତୃଣମୂଳସ୍ତରରେ ଭାଜପାର ସଙ୍ଗଠନ ସେତେଟା ସୁଦୃଢ଼ ନ ଥିବାବେଳେ ଏବେ ଭାଜପା ସରକାରକୁ ଆସିବା ପରେ ଧୀରେ ଧୀରେ ସଙ୍ଗଠନ ସୁଦୃଢ଼ ହେବାରେ ଲାଗିଛି। ଗତ ନିର୍ବାଚନରେ ଭଦ୍ରକ ଏମ୍‌ପି ଆସନ ଭାଜପା ଦଖଲକୁ ଆସିଥିବା ବେଳେ ଭଦ୍ରକ ଓ ଧାମନଗର ୨ଟି ବିଧାନସଭା ଆସନ ମଧ୍ୟ ଭାଜପା ଦଖଲ କରିଛି। ତୃଣମୂଳ ସ୍ତରରେ ବ୍ଲକ ଓ ପଞ୍ଚାୟତ ବିଜେଡି ଦଖଲରେ ଥିବାବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ଭଗବାନଙ୍କ ପାଇଁ ଅଗ୍ନି ପରୀକ୍ଷା ହେବ ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ପରିସ୍ଥିତିରେ ଭଦ୍ରକ ଭାଜପାକୁ ଭଗବାନ ଭରସା ବୋଲି ଚର୍ଚ୍ଚା ହେଉଛି। ଭଗବାନ ପୂର୍ବରୁ ୨୦୦୦ରେ ବିଶ୍ୱ ହିନ୍ଦୁ ପରିଷଦର ଭଦ୍ରକ ନଗର ସଭାପତି, ୨୦୦୪ରେ ବସ୍ତା ଓ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ରହିଥିଲେ। ପାର୍ଟିରେ ସମ୍ପାଦକ ଓ ସାଧାରଣ ସମ୍ପାଦକ ଦାୟିତ୍ୱରେ ରହି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିଛନ୍ତି। ସେହିପରି ଗତ ଲୋକ ସଭା ନିର୍ବାଚନରେ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ଦାୟିତ୍ୱରେ ମଧ୍ୟ ରହିଥିଲେ। ତାଙ୍କ ପାଖରେ ରାଜନୀତି ତଥା ସଙ୍ଗଠନର ଅଭିଜ୍ଞତା ରହିଛି। ଆଗକୁ ଜିଲାରେ ସଙ୍ଗଠନକୁ ମଜଭୁତ କରିବା ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବେ ବୋଲି ଭଗବାନ କହିଛନ୍ତି।

## ଜନଶୁଣାଣି ଶିବିରରେ ୧୦୨ ଅଭିଯୋଗ

ଭଣ୍ଡାରିପୋଖରୀ,୧୭।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକରେ ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ୧୦୨ ଅଭିଯୋଗ ଆଗତ ହୋଇଛି। ଜିଲାପାଳ ଦିଲୀପ କୁମାର ରାଉତରାଏ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଅଭିଯୋଗର ଶୁଣାଣି କରିଥିଲେ। ରାଶନକାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ଜବରଦଖଲ ଉଚ୍ଛେଦ ଭଳି ୭୨ଟି ବ୍ୟକ୍ତିଗତ ଅଭିଯୋଗ ଓ ୨୭ଟି ସାମୂହିକ ଅଭିଯୋଗ ଥିଲା। ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୩ଟି ଆବେଦନ ଆସିଥିବା ବେଳେ ୧୬ହଜାର ଟଙ୍କା ମଞ୍ଜୁର କରାଯାଇଛି। ୩୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୩ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଛି। ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ।

## 'ଭଦ୍ରାୟଣୀ'ରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଆକର୍ଷଣୀୟ ଷ୍ଟଲ

ଭଦ୍ରକ,୧୭।୨(ସନାତନ ରାଉତ)

ଭଦ୍ରକ ନେହେରୁ ଷ୍ଟାଡିୟମ୍ ପରିସରରେ ଚାଲିଥିବା ଜିଲା ମହୋତ୍ସବ 'ଭଦ୍ରାୟଣୀ'ରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଏକ ଆକର୍ଷଣୀୟ ଷ୍ଟଲ୍ ତଥା ସୁସଜ୍ଜିତ ସୂଚନାକେନ୍ଦ୍ର ଖୋଲାଯାଇଛି। ଜିଲାର ସମସ୍ତ ପ୍ରମୁଖ ଦର୍ଶନୀୟ ସ୍ଥାନ ଓ ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୪୦ ମନ୍ଦିରରୁ ୧୬ଟି ମନ୍ଦିର ଓ ବାବା ଆଖଣ୍ଡଳମଣିଙ୍କ ବିଭିନ୍ନ ବେଶର ଫଟୋଚିତ୍ର ସୁସଜ୍ଜିତ କରାଯାଇ ପ୍ରଦର୍ଶନ କରାଯାଇଛି। ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଓଡ଼ିଶା ସରକାରଙ୍କ ମୁଖପତ୍ର ବାର୍ଷିକ ପତ୍ରିକା ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସୂଚନା କେନ୍ଦ୍ରରେ ସର୍ବସାଧାରଣ ଉଦ୍ଦେଶ୍ୟରେ ବିକ୍ରୟ କରାଯାଇଥିଲା। ଫଟୋଚିତ୍ର ଜରିଆରେ ସ୍ଥାନ ପାଇଥିବା ନିଜ ନିଜ ଅଞ୍ଚଳର ଜଗନ୍ନାଥ ମନ୍ଦିର ଦେଖିବା ପାଇଁ ଷ୍ଟଲ୍ ନିକଟରେ ଦର୍ଶକଙ୍କ ଭିଡ଼ ଜମିଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଏହି ଷ୍ଟଲ୍‌କୁ ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ପୌରପାଳିକା ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ ପ୍ରମୁଖ ପରିଦର୍ଶନ କରି ସୁନ୍ଦର ପ୍ରୟାସ ବୋଲି ପ୍ରଶଂସା କରିଥିଲେ।


ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ ଷ୍ଟଲ୍ ପରିଦର୍ଶନ କରୁଛନ୍ତି।

## ରାସ୍ତା ଅବରୋଧ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ତିହିଡ଼ି,୧୭।୨(ସଞ୍ଜିତ ବଳ)


ଶିବିରକୁ ଅଭିଯୋଗ କରିବାକୁ ଆସିଥିବା ରହଣିଆସାହି ଗ୍ରାମବାସୀ।

ତିହିଡ଼ି ତହସିଲ ଅଧୀନ କୁବେରା ପଞ୍ଚାୟତର ରହଣିଆସାହି ଗ୍ରାମ ରାସ୍ତାକୁ ଜଣେ ବ୍ୟକ୍ତି ଅବରୋଧ କରିଥିବାରୁ ଯାତାୟାତ ପାଇଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଉକ୍ତ ରାସ୍ତାକୁ ଅବରୋଧମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ, ଜିଲାପାଳ, ତହସିଲଦାର, ବିଡିଓ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବାରୁ ଗ୍ରାମବାସୀ ସୋମବାର ମଧ୍ୟାହ୍ନରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ପୁନର୍ବାର ଅଭିଯୋଗ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ଦେଉଳା ମୌଜାର ଖାତା ନଂ.୧୬୫୭, ପ୍ଲଟ୍ ନଂ.୨୪୧୦/୨୬୮୭ରେ ଥିବା ଜମି ସର୍ବସାଧାରଣ ରାସ୍ତା। ଏହି ରାସ୍ତାର ଉନ୍ନୟନ ପାଇଁ ବିଭିନ୍ନ ସମୟରେ ସରକାରୀ ଅର୍ଥ ବିନିଯୋଗ ହୋଇଛି। ତେବେ ରାସ୍ତାର ଦକ୍ଷିଣ ଛକରୁ ଉତ୍ତର ତରଫକୁ ପଶ୍ଚିମ ସଂଲଗ୍ନରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରବାଡ଼ି ରହିଛି। ବ୍ୟକ୍ତି ଜଣକ ସର୍ବସାଧାରଣ ରାସ୍ତାରୁ ୩ଶହ ଫୁଟ୍ ଲମ୍ବ ଓ ୨୦ ଫୁଟ୍ ପ୍ରଶସ୍ତ ରାସ୍ତାକୁ ବାଡ଼ ଘେରାଇ ନିଜ ଜମି ସହ ସାମିଲ କରି ନେଇଛନ୍ତି। ଯାହାଦ୍ୱାରା ଗ୍ରାମକୁ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯିବାରେ ସମସ୍ୟା ଉପୁଜୁଛି। ଏପରିକି ଗର୍ଭବତୀ ମହିଳାଙ୍କୁ ସଙ୍ଗୀରେ ଡାକ୍ତରଖାନାକୁ ନିଆଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ରାସ୍ତା ନିର୍ମାଣ ପାଇଁ ମିଳୁଥିବା ଅର୍ଥ ମଧ୍ୟ ବିନିଯୋଗ ହୋଇପାରୁ ନାହିଁ ବୋଲି ଗ୍ରାମର ସନ୍ୟାସୀ ଖଟୁଆ, ଦୀନବନ୍ଧୁ ନାୟକ, ସୁରେନ୍ଦ୍ର ମଲ୍ଲିକ, ବନମାଳୀ ମଲ୍ଲିକ, ସୁକାନ୍ତି ମଲ୍ଲିକ, ବୀଣାପାଣି ମଲ୍ଲିକ, ଧନେଶ୍ୱର ନାୟକ, ଚକ୍ରଧର ନାୟକ, ମେନକା ବେହେରା, ଜାନକୀ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି।

**ପାଚିକା, ସହାୟିକା ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର**

କୁଳିଅଣା, (ଆଦିକନ୍ଦ ସାହୁ): କୁଳିଅଣା ବ୍ଲକର ପାଚିକା ଓ ସହାୟିକା ସଂଘ ପକ୍ଷରୁ ସୋମବାର ଜିଲା ସଭାପତି ଅମଳ ଦେଙ୍କ ଆବାହକତ୍ୱରେ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଇଓଙ୍କୁ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁଳିଅଣା ବଜାରଠାରୁ ବିଇଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପିକେଟିଂ କରାଯାଇଥିଲା। ସେମାନଙ୍କୁ ଶିକ୍ଷା ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା ଶହ ୨୬ ହଜାର ମାସିକ ଦରମା, ଅବସରକାଳୀନ ବୟସ ସୀମା ବୃଦ୍ଧି, ଅବସରକାଳୀନ ଭତ୍ତା ୧୦ ହଜାର ସହ ଇପିଏଫ୍ ପ୍ରଦାନ, ସମାନ କାମକୁ ସମାନ ଦରମା, ବିଦ୍ୟାଳୟରେ ଇନ୍ଧନ ଗ୍ୟାସ୍ ଯୋଗାଇ ଦେବା ଆଦି ଦାବି ରହିଛି।

**ମୟୂରଭଞ୍ଜ**

# ନିୟୋଜିତ ହେବ ୨୮ ପାହାଡଚଢ଼ା ଗାଡ଼ି, ୮୧୨୮ କି.ମି. ଫାୟାର ଲାଇନ

## ଶିମିଳିପାଳ ବନାଗ୍ନିକୁ ନେଇ ବ୍ୟାପକ ପ୍ରସ୍ତୁତି

ବାରିପଦା, ୧୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସବୁଜ ବନାନୀରେ ଆଚ୍ଛାଦିତ ଶିମିଳିପାଳ ଅଭୟାରଣ୍ୟକୁ ଭୟ ବଢାଇଛି ବନାଗ୍ନି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଦିନକୁ ଦିନ ବାଘ ସଂଖ୍ୟା ବୃଦ୍ଧି ପାଉଥିବାରୁ ଅଭୟାରଣ୍ୟକୁ ନିଆଁଦାଉରୁ ସୁରକ୍ଷା ନିମନ୍ତେ ବନବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ବନ୍ୟଜନ୍ତୁଙ୍କ ସମେତ ଜଙ୍ଗଲକୁ ସମ୍ପୂର୍ଣ୍ଣ ଭାବେ ନିଆଁ କବଳରୁ ରକ୍ଷା କରିବାକୁ ଅଧିକାରୀଙ୍କ ସମେତ ବନ କର୍ମଚାରୀ, ଦମକଳ ବାହିନୀ, ବନ ସୁରକ୍ଷା ସମିତି ଓ ଅଞ୍ଚଳବାସୀ ସହଯୋଗ କରୁଛନ୍ତି। ଏପରିକି ସଚେତନତା ମାଧ୍ୟମରେ ବନାଗ୍ନିକୁ ରୋକାଯିବା ନେଇ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି।

ସୂଚନାଯୋଗ୍ୟ, ଶିମିଳିପାଳ ଜୈବମଣ୍ଡଳ ଅଧୀନରେ ଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ଡିଭିଜନ, ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଡିଭିଜନ ରହିଛି। ୨୭୫୦ବର୍ଗ କି.ମି. ମଧ୍ୟରୁ ୧୨ଶହ ବର୍ଗ କି.ମି. କୋର ଅଞ୍ଚଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ହୋଇରହିଛି। ବିଗତ ଦିନରେ ଶିମିଳିପାଳ ବନାଗ୍ନିକୁ ନେଇ ରାଜ୍ୟ ସମେତ ଦେଶବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ୨୦୨୦ରେ ୫୯୯ଟି ଫାୟାର ପଏଣ୍ଟ ମଧ୍ୟରୁ ବୋଫର ଅଞ୍ଚଳରେ ୪୭୪ ଓ କୋର ଅଞ୍ଚଳରେ ୧୨୫ ଚିହ୍ନଟ କରାଯାଇଥିଲା। ୨୦୨୧ରେ ୨୮୬୧ ଫାୟର ପଏଣ୍ଟ ମଧ୍ୟରୁ ବୋଫର ଜୋନରେ ୧୯୩୩, କୋର ଜୋନରେ ୯୨୮ଟି, ୨୦୨୨ରେ ୩୧୯ଟି ଫାୟାର ପଏଣ୍ଟ ମଧ୍ୟରୁ ବୋଫର ଜୋନରେ ୨୪୩ ଓ କୋର ଜୋନରେ ୭୬ଟି, ୨୦୨୩ରେ ୧୪୫୬ ଫାୟାର ପଏଣ୍ଟ ମଧ୍ୟରୁ ବୋଫର ଜୋନରେ ୧୧୭୦ ଓ କୋର ଜୋନରେ ୨୮୬ଟି ଏବଂ ୨୦୨୪ରେ ୫୨୦ଟି ଫାୟାର ପଏଣ୍ଟ ମଧ୍ୟରୁ ୩୯୨ଟି ବୋଫର ଓ ୧୨୮ଟି କୋର ଅଞ୍ଚଳରେ ଚିହ୍ନଟ କରାଯାଇଥିଲା। ୨୦୨୧ରେ ଲାଗିଥିବା ଫାୟାର ପଏଣ୍ଟରେ ସର୍ବାଧିକ ୩୨ ଓ ୨୦୨୩ରେ ସର୍ବନିମ୍ନ ୨୦ପ୍ରତିଶତ କୋର ଅଞ୍ଚଳରେ ନିଆଁ ଲାଗିଥିବା ନେଇ ବିଭାଗ ପକ୍ଷରୁ ଜଣାପଡିଛି। ତେବେ ଚଳିତ ଋତୁ ଆରମ୍ଭରେ ଫେବୃଆରୀ ୧ରୁ ଫେବୃଆରୀ ୧୭ ମଧ୍ୟରେ ବାରିପଦା ସର୍କଲ ଅଧୀନରେ ଥିବା ୭ ବନଖଣ୍ଡ ମଧ୍ୟରୁ ୬୪ଟି ଫାୟାର ପଏଣ୍ଟ ଚିହ୍ନଟ କରାଯାଇଛି। ବାରିପଦା ଡିଭିଜନରେ ୫୧, କରଞ୍ଜିଆ ଡିଭିଜନରେ ୨, ରାଇରଙ୍ଗପୁର ଡିଭିଜନରେ ୫, ବାଲେଶ୍ୱର ଡିଭିଜନରେ ୧ ଓ କେନ୍ଦୁଝର ୱାଇଲ୍ଡଲାଇଫ ଡିଭିଜନରେ ୫ଟି ଫାୟାର ପଏଣ୍ଟ ଚିହ୍ନଟ କରାଯାଇ ବନାଗ୍ନିକୁ ଶତପ୍ରତିଶତ ନିୟନ୍ତ୍ରଣ କରାଯାଇଛି। ଚଳିତବର୍ଷ ବନାଗ୍ନିକୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ଜିଲା ପ୍ରଶାସନ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହାୟତାରେ ବ୍ୟାପକ ସଚେତନତା କରାଯାଉଛି। ଏ ସମ୍ପର୍କରେ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି, ପ୍ରତି ରେଞ୍ଜ ଅନୁଯାୟୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିମିଳିପାଳ କ୍ଷେତ୍ରରେ ଥିବା ୫ ବନଖଣ୍ଡରେ ବନାଗ୍ନି ନିୟନ୍ତ୍ରଣ ପାଇଁ ୫୪ଟି ସ୍କ୍ୱାଡ୍ ଗଠନ କରାଯାଇ ୨୯୦ଜଣଙ୍କୁ ନିଯୁକ୍ତ କରାଯାଇଛି। ବନାଗ୍ନିର ସ୍ଥିତି ଅନୁଧ୍ୟାନ ଓ ନିୟନ୍ତ୍ରଣ ପାଇଁ ୪୦ଟି ପାଟ୍ରୋଲିଂ ଭ୍ୟାନ ପ୍ରଦାନ କରାଯାଇଛି । ଏହାବ୍ୟତୀତ ଅଗମ୍ୟ ଅଞ୍ଚଳକୁ ଯାଇ ନିଆଁକୁ ଆୟତ୍ତ କରିବା ପାଇଁ ଅତ୍ୟାଧୁନିକ ୨୮ଟି ପାହାଡ ଚଢା ଚାରିଚକିଆ ଗାଡ଼ି ନିୟୋଜିତ କରାଯାଇଛି। ସେଥିମଧ୍ୟରୁ ୨୦ଟି ଥାର୍ ଗାଡି ଓ ୮ଟି ଟାଟା ଫାୟାର ଯୋଦ୍ଧା ଗାଡି ରହିଛି। ଏହି ଗାଡିରେ ପାଣି ଟାଙ୍କି ରହିବା ସହ ୨ଶହ ମିଟର ପର୍ଯ୍ୟନ୍ତ ସିଞ୍ଚନ କରିବାର କ୍ଷମତା ରହିଛି। ସେହିପରି ୯୭୩ଟି ବ୍ଲୋୟାର ମେଶିନ ମାଧ୍ୟମରେ ୮ହଜାର ୧୨୮କି.ମି. ଫାୟାର ଲାଇନ ପ୍ରସ୍ତୁତ କରାଯାଉଛି। ପ୍ରତି ରେଞ୍ଜରେ ଅଗ୍ନି ନିର୍ବାପକ ଯନ୍ତ୍ର, ନୂତନ କର୍ମଚାରୀ ନିଯୁକ୍ତି, ସ୍ୱତନ୍ତ୍ର ଜୋତା, ପୋଷାକ, ଚଷମା ଏବଂ ବନାଗ୍ନି ରୋକିବା ନେଇ କର୍ମଚାରୀମାନଙ୍କୁ ମକ୍‌ଡ୍ରିଲ କରାଯାଉଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ବନାଗ୍ନିକୁ ନେଇ ସୂଚନା ମିଳୁଥିବା ବେଳେ ଅଧିକ ୧୫ଟି ସାଟେଲାଇଟ ମାଧ୍ୟମରେ ଅଗ୍ରୀମ ସୂଚନା ମିଳିବାର ବ୍ୟବସ୍ଥା ହୋଇଛି । ସେହିପରି କୋର ଅଞ୍ଚଳରେ ଅଢେଇ କୋଟି ଟଙ୍କା ବ୍ୟୟ ଅଟକଳରେ ୫ଟି ଉଚ୍ଚ କ୍ଷମତାସମ୍ପନ୍ନ କୃତ୍ରିମ ବୁଦ୍ଧିମତା(ଏଆଇ) କ୍ୟାମେରା ସୁଉଚ୍ଚ ଟାୱାର ସ୍ଥାପନ କରାଯାଇ ୩୬୦ଡିଗ୍ରୀ ଉଚ୍ଚ କ୍ଷମତାସମ୍ପନ୍ନ କ୍ୟାମେରା ଖଞ୍ଜାଯାଇଛି। ଏହି କ୍ୟାମେରା ୧୫ କି.ମି. ବ୍ୟାସାର୍ଦ୍ଧରେ ନିଆଁ କିମ୍ବା ଧୂଆଁ ଉଠିଲେ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ସୂଚନା ପ୍ରଦାନ କରିବ। ଫଳରେ ୧୨ଘଣ୍ଟିଆ ସାଟେଲାଇଟ ସୂଚନାର ଯଥେଷ୍ଟ ପୂର୍ବରୁ ସୂଚନା ମିଳିଯାଉଛି। ତେବେ ମନୁଷ୍ୟକୃତ ବନାଗ୍ନିକୁ ରୋକିବା ଦିଗରେ ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ଅଞ୍ଚଳରେ ବସବାସ କରୁଥିବା ଗାଁଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ବନାଗ୍ନି ରୋକିବା ଦିଗରେ ଅଞ୍ଚଳବାସୀଙ୍କୁ ୫ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ପୂର୍ବବର୍ଷ ଅପେକ୍ଷା ବନାଗ୍ନିକୁ ଆହୁରି ନିୟନ୍ତ୍ରଣ କରାଯାଇପାରିବ ବୋଲି ବନବିଭାଗ ପକ୍ଷରୁ ଆଶାପ୍ରକଟ କରାଯାଇଛି।

# ଅଫିମ ଚାଷ ନଷ୍ଟ କଲା ଅବକାରୀ ବିଭାଗ


ଅବକାରୀ କର୍ମଚରୀମାନେ ଅଫିମ ଗଛ ନଷ୍ଟ କରୁଛନ୍ତି।

ଉଦଳା, ୧୭।୨(ସନ୍ତୋଷ କୁମାର ବାଛିନୀ)

ଶିମିଳିପାଳ ଜଙ୍ଗଲ ଭିତରେ ଚାଲିଥିଲା ଅଫିମ ଚାଷ। ଖବର ପାଇ ଚଢ଼ାଉ କରିଥିଲା ଅବକାରୀ ବିଭାଗ ଓ ପୋଲିସ। କପ୍ତିପଦା ଥାନା ପୋଡାଡିହା ହୁଡ଼ିସାହି ଅଞ୍ଚଳରେ ଶିମିଳିପାଳ ଜଙ୍ଗଲ ୱାଇଲ୍ଡଲାଇଫ ଏରିଆରେ ଅବକାରୀ ବିଭାଗ ଅଫିମ ଚାଷ ହୋଇଥିବା ଖବର ମିଳିବା ପରେ ଅବକାରୀ ବିଭାଗ ଏବଂ କପ୍ତିପଦା ପୋଲିସ ମିଳିତ ଭାବେ ଅପରାହ୍ନ ସାଢେ ୧୨ଟାରେ ସୋମବାର ହୁଡ଼ିସାହି ଅଞ୍ଚଳରେ ଚଢ଼ାଉ କରିଥିଲା। ଜଙ୍ଗଲ ଭିତରେ ୫୦ ଡିସିମିଲ ଜାଗାରେ ଅଫିମ ଚାଷ ହୋଇଥିବା ଦେଖି ଅବକାରୀ ବିଭଗ ଓ ପୋଲିସ ଉକ୍ତ ଅଫିମ ଗଛକୁ ଉପାଡି ନଷ୍ଟ କରିବା ସହିତ ସମସ୍ତ ଚାଷ ହୋଇଥିବା ଗଛଗୁଡିକୁ ଜାଳି ଦିଆଯାଇଛି। ଏହାସହିତ ଏହି ଚାଷ କରିଥିବା ବ୍ୟକ୍ତିଙ୍କୁ ଖୋଜିବା ସହିତ ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ ଅଧିକାରୀ ଓ ଅବକାରୀ ଅଧିକାରୀ କହିଛନ୍ତି। ନଷ୍ଟ କରାଯାଇଥିବା ଅଫିମର ଆନୁମାନିକ ମୂଲ୍ୟ ୧୮ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି କପ୍ତିପଦା ଥାନା ଅଧିକାରୀ ପ୍ରକାଶ ରଥ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ଧଡ଼ାସାହିରେ ଜନଶୁଣାଣି ଶିବିର

ମୋରଡା, ୧୭।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଧଡ଼ାସାହି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକରେ ସହକାରୀ ନିର୍ବାହୀଯନ୍ତ୍ରୀ(ଏଇଇ) ସୁଶାନ୍ତ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିପିଇଓ ଦାୟିତ୍ୱରେ ଥିବା ପ୍ରସନ୍ନ ମହାନ୍ତ ଏବଂ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ୱାର୍ଡର ଲୋକେ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ପାଣି, ବିପିଏଲ କାର୍ଡ ଆଦି ସମସ୍ୟା ନେଇ ଏଇଇଙ୍କୁ ଜଣାଇଥିଲେ। ଉକ୍ତ ଲୋକଙ୍କ ସମସ୍ୟାଗୁଡିକ ଶୀଘ୍ର ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ ଚାଲିଥିବା ବେଳେ ପୂର୍ବରୁ ବିବାଦୀୟ ହୋଇପଡ଼ିଥିବା ଉକ୍ତ ପଞ୍ଚାୟତର ବେଲାଖୁରୀ ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ନିଯୁକ୍ତିକୁ ବିରୋଧ କରି ଶତାଧିକ ମହିଳା ରାଲି କରି ପ୍ରତିବାଦ କରିଥିଲେ ।

## ପଥପ୍ରାନ୍ତ ପାଲା ମାଧ୍ୟମରେ ସଚେତନତା

ମୋରଡ଼ା,୧୭।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ମୋରଡ଼ା ଏବଂ ଦାନ୍ତିଆମୁହାଁ ପଞ୍ଚାୟତରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁଷ୍ଠିତ ଉକ୍ତ ପଥପ୍ରାନ୍ତ ସଭାରେ ଭାଜପା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ପାଲା ଗୀତ ମାଧ୍ୟମରେ ସଚେତନ କରାଯାଇଥିଲା। ଉଦଳାର ପାଲା କଳାକାରମାନେ ପାଲା ପରିବେଷଣ କରିଥିଲେ।

# ସରିଲା ସୀମାନ୍ତ ଯୁବ ମହୋତ୍ସବ


ମହୋତ୍ସବର ଶେଷ ସନ୍ଧ୍ୟାରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଖାରପୋଖରୀଆ, ୧୭।୨ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଖାରପୋଖରୀଆ (ବମ୍ଫେଛକ)ସ୍ଥିତ ସୀମାନ୍ତ ଯୁବ ମହୋତ୍ସବ ସମିତି ଓ ଜାତୀୟ ଯୁବ ପ୍ରକଳ୍ପର ମିଳିତ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ ଯୁବ ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଖାରପୋଖରୀଆ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପଠାରେ ଏହି ମହୋତ୍ସବ ଚାଲିଥିଲା। ସକାଳେ ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଜାତୀୟ ସେମିନାରରେ 'ଲୋକ ସାହିତ୍ୟ, ଲୋକ ଜୀବନର ମୁକୁର' ବିଷୟ ଶୀର୍ଷକରେ ଆଲୋଚନା କରାଯାଇଥିଲା। ପଦ୍ମଶ୍ରୀ ଭୂଷିତ ପ୍ରାଧ୍ୟାପକ ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ବୃନ୍ଦାବନ ଦାସ, ଜଗତବନ୍ଧୁ ଆଚାର୍ଯ୍ୟ, ଝାଡ଼ଖଣ୍ଡ ରାଜ୍ୟ ଷଢେଇକଳାର ରତନ କବି, ଓଡ଼ିଶା ସାହିତ୍ୟ ଏକାଡେମୀର କୁଞ୍ଜବିହାରୀ ପାଢ଼ୀ, ଲେଖକ ତଥା ସାହିତ୍ୟିକ କୁଞ୍ଜବନ ପୃଷ୍ଟି, ସୀମାନ୍ତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଅଧାପକ ଶିଶିର କୁମାର ପଟ୍ଟନାୟକ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଶତ୍ରୁଘ୍ନ ପରିଡ଼ା, ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦୀନେଶ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ, ଗାଳ୍ପିକ ଓ ଭାଷା ସଂସ୍କୃତିର ଗବେଷକ ଡ. ବଭ୍ରୁବାହନ ମହାପାତ୍ର ଯୋଗ ଦେଇଥିଲେ। ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ସଭାପତି ପ୍ରଫେସର ଡ. ସରୋଜ କୁମାର ନାଏକଙ୍କ ପରିଚାଳନାରେ ସାହିତ୍ୟିକ ଅମିତାଭ ମିଶ୍ର ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ ଯୁବ ମହୋତ୍ସବ ସମିତିର ସଭାପତି ଅଶୋକ କୁମାର ପୃଷ୍ଟି ସଭାପତିତ୍ୱ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପର ଜିଲା ସଂଯୋଜକ ମଳୟ କୁମାର ନାୟକଙ୍କ ସଞ୍ଚାଳନରେ ସଭାପତି କୁଞ୍ଜବିହାରୀ ସେଠୀ ଓ ଖାରପୋଖରୀଆ ମହୋତ୍ସବ ସମିତିର ସମ୍ପାଦକ ବାସୁଦେବ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, ଏମ୍‌ପି ନବଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷ ପର୍ଯ୍ୟାୟରେ କୁଡୁମାଲି ଝୁମର ସଙ୍ଗୀତ ଓ ଆଦିବାସୀ ସଙ୍ଗୀତର ତାଳେ ତାଳେ ନୃତ୍ୟରେ ଦର୍ଶକ ଝୁମିଥିଲେ।

## ହିଙ୍ଗୁଳା ମେଳାରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଭେଟି ଆଦାୟ

ବଡ଼ସାହି,୧୭।୨(ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ସୁହାଗପୁର କଉଡ଼ିଖଣୀ ମା' ହିଙ୍ଗୁଳାଙ୍କ ବଡ଼ପୂଜା ୪ ଦିନ ଧରି ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ସେଥିପାଇଁ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ସୁନୀଲ କୁମାର ଦାଶ ସମସ୍ତ କର୍ମକର୍ତ୍ତା, ଶ୍ରଦ୍ଧାଳୁ, ସ୍ୱେଚ୍ଛାସେବୀ, ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ମେଳାରେ ଭକ୍ତଙ୍କ ଦାନ ଦକ୍ଷିଣା ଓ ଦୋକାନୀ ଭାଇଙ୍କର ସାହାଯ୍ୟ ସହଯୋଗରେ ଯେଉଁ ଅର୍ଥ ଆୟ ହୋଇଛି ତାର ହିସାବ ନିକାଶ ଓ ଆୟବ୍ୟୟର ଅଟକଳ ପାଇଁ ମୁଖ୍ୟ ଟ୍ରଷ୍ଟି ଶ୍ରୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇ ସଦସ୍ୟଙ୍କ ଉପସ୍ଥିତରେ ମା'ଙ୍କ ଆୟ ଅନୁଦାନକୁ ଗଣତି କରାଯାଇଥିଲା। ଚଳିତ ବର୍ଷ ମୋଟ ୧୫ ଲକ୍ଷ ୩୬ ହଜାର ୭୧୫ ଟଙ୍କା ଆୟ ହୋଇଥିବାର ମୁଖ୍ୟ ଟ୍ରଷ୍ଟି ଦାଶ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ୮ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ମେଳାରେ ଉପସ୍ଥିତ ରହି ମା'ଙ୍କ ଦର୍ଶନ କରିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ନେଇ କର୍ମଶାଳା

## ୧୭୬ କେନ୍ଦ୍ରରେ ମାଟ୍ରିକ ପରୀକ୍ଷାଦେବେ ୨୯,୧୫୫ ପରୀକ୍ଷାର୍ଥୀ

ବାରିପଦା,୧୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚଳିତବର୍ଷ ମୟୂରଭଞ୍ଜ ଜିଲାରେ ମାଟ୍ରିକ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ନେଇ ଏକ କର୍ମଶାଳା ସୋମବାର ପୂର୍ବାହ୍ନ ୧୧ଟାରେ ବାରିପଦାସ୍ଥିତ ମହାରାଣୀ ପ୍ରେମକୁମାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୨୧ ନୋଡାଲ ସେଣ୍ଟର ଅଧୀନରେ ଥିବା ୧୭୬ଟି ରେଗୁଲାର ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ନେଇ ବୈଠକ କରାଯାଇଛି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରି ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସମସ୍ତ କେନ୍ଦ୍ର ତତ୍ତ୍ୱାବଧାରକଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶଶୀଧର ସିଂ ଉପସ୍ଥିତ ରହି ବୋର୍ଡର ନିର୍ଦ୍ଦେଶାବଳୀକୁ ମାନିବା ସହ ପରୀକ୍ଷା ପଦ୍ଧତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ଗୌତମ କୁମାର ପାତ୍ର ପରୀକ୍ଷାର ବାସ୍ତବ ଚିତ୍ର ଉପରେ ଆଲୋଚନା କରି କାର୍ଯ୍ୟରେ ଅବହେଳା ପାଇଁ ବିଭିନ୍ନ ପ୍ରକାର ଦଣ୍ଡ ନିୟମ ଉପରେ ସତର୍କତା ଅବଲମ୍ବନ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରଶାସନିକ ଅଧିକାରୀଙ୍କ ସହ ସ୍ୱତନ୍ତ୍ର ପୋଲିସ ଅଧିକାରୀ ନିୟୋଜିତ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସଫଳତାର ସହ ତ୍ରୁଟିଶୂନ୍ୟ ଭାବେ ପରୀକ୍ଷା ପରିଚାଳନା କରିବା ନିମନ୍ତେ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

ଆସନ୍ତା ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଜିଲାରେ ମୋଟ ୨୯ ହଜାର ୧୫୫ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ରେଗୁଲାର ୨୮,୯୨୯ ଓ ଏକ୍ସ ରେଗୁଲାର ୬୧ଜଣ ଅଛନ୍ତି। ହାଇସ୍କୁଲ ସାର୍ଟିଫିକେଟ ଓ ମଧ୍ୟମା ପରୀକ୍ଷାରେ ରେଗୁଲାର ୧୩୦ ଓ ଏକ୍ସ ରେଗୁଲାର ୧୬୫ଜଣ ପରୀକ୍ଷା ଦେବେ। ତେବେ ଜିଲାରେ ଡ୍ରପ୍‌ଆଉଟ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଗତ ବର୍ଷ ତୁଳନାରେ ୩୬୦୩ ପରୀକ୍ଷାର୍ଥୀ କମ୍ ଥିବା ଜଣାପଡ଼ିଛି। ୨୦୨୪ ଶିକ୍ଷା ବର୍ଷରେ ମୋଟ ୩୨,୭୫୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଚଳିତବର୍ଷ ୨୯,୧୫୫ ପରୀକ୍ଷାର୍ଥୀ ପରୀକ୍ଷା ଦେବେ।


କର୍ମଶାଳାରେ ଉପସ୍ଥିତ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ।

# ଗ୍ରୁପ୍ ବିର ୩ୟ ମ୍ୟାଚ୍ ବିଜେଏମ୍‌ସିସି ବିଜୟୀ

## ଜିଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାରିପଦା,୧୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗ୍ରୁପ ବିର ୩ୟ ମ୍ୟାଚରେ ବିଜେଏମସିସି ୧୭୮ ରନରେ ମୟୂରଭଞ୍ଜ ରେଡ୍‌କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ବିଜେଏମସିସି ୩୫ ଓଭରରେ ୮ ଉଇକେଟ ହରାଇ ୨୪୮ ରନ ସଂଗ୍ରହ କରିଥିଲା। ମୟୂରଭଞ୍ଜ ରେଡ୍ ୧୫. ୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୦ରନ ସଂଗ୍ରହ କରିପାରିଥିଲା। ଲୋକନାଥ ପୃଷ୍ଟି ୪ ଟି ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ପୂର୍ବତନ କ୍ରିକେଟ ଖେଳାଳି ବିଶ୍ୱ ରଞ୍ଜନ ମହାନ୍ତି ତଥା ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ୍ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଜେକେସିସି କ୍ଲବ୍ ଏବଂ ଡିଆରକେ (ବି) ମଧ୍ୟରେ ମ୍ୟାଚ ଖେଳାଯିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।


ଅତିଥିଙ୍କ ସହ ଖେଳାଳିମାନେ।

## ଢାବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

ବୈଶିଙ୍ଗା,୧୭।୨(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ. ଜାତୀୟ ରାଜପଥର ଗଡଦେଉଳିଆଠାରେ ଥିବା ଏକ ଢାବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା କର୍ମଚାରୀ ଜାନିକାଦେଇପୁର ଗ୍ରାମର କମଳାକାନ୍ତ ସେନାପତି। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରବିବାର ରାତି ୧୧ଟା ୩୫ ରେ ମ୍ୟାନେଜର ସିଂ ନାମକ ଏକ ଫ୍ୟାମିଲି ଢ଼ାବାରେ କାମ କରୁଥିବା କମଳାକାନ୍ତ ଶୌଚ ପାଇଁ ଢ଼ାବା ପଛପଟକୁ ଯାଇଥିଲେ। ସେଠାରେ ଲୁଚି ରହିଥିବା ଦୁର୍ବୃତ୍ତ ଏକ ମାରଣାସ୍ତ୍ରରେ ତାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। କମଳାକାନ୍ତଙ୍କ ଚିତ୍କାର ଶୁଣି ଲୋକମାନେ ଦୌଡ଼ି ଯାଇଥିଲେ। ସେତେବେଳକୁ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। କମଳାକାନ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୈଶିଙ୍ଗା ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ପରିବାର ପକ୍ଷରୁ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ବୋଇତ ବେହେରା କହିଛନ୍ତି।

# ମେଗାଷ୍ଟିଲ ପ୍ଲାଣ୍ଟକୁ ଗ୍ରାମବାସୀଙ୍କ ବିରୋଧ



ଗ୍ରାମବାସୀ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଇରଙ୍ଗପୁର,୧୭।୨(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ନିକଟସ୍ଥ ରାଇରଙ୍ଗପୁର ବ୍ଲକ୍ ପୁରୁଣା ପାଣି ପଞ୍ଚାୟତରେ ପ୍ରସ୍ତାବିତ ୧୯୦ ମେଗାୱାଟ କ୍ୟାପିଉ ପାୱାରପ୍ଲାଣ୍ଟ ଏବଂ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପକୁ ଆଦିବାସୀ ବିରୋଧ କରିଛନ୍ତି। ପ୍ରତିବାଦ କରି ଆଦିବାସୀ ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀଙ୍କ ମତ ଅନୁଯାୟୀ, ପୁରୁଣା ପାଣି ପଞ୍ଚାୟତ ସରକାର ପ୍ରସ୍ତାବିତ ୨ ଗୋଟି ପ୍ରକଳ୍ପ ପ୍ରତିଷ୍ଠା କରାଗଲେ ପଞ୍ଚାୟତ ଅନ୍ତର୍ଗତ ଦାଣ୍ଡବୋଷ, ଆନନ୍ଦପୁର ଏବଂ କଣ୍ଟାଣି ସମେତ ୩ ଗ୍ରାମାଞ୍ଚଳର ଆଦିବାସୀ ବାସହୀନ ହେବା ସହ ତାଙ୍କର ଜୀବନ ଜୀବିକା ହରାଇବେ। ଏଥିସହ ଆଦିବାସୀଙ୍କ ଧାର୍ମିକସ୍ଥଳ ଜାହିରାପୀଠ ଏବଂ ଆଦିବାସୀ ନେତା ତଥା ସାନ୍ତାଳୀ ଆଦିବାସୀ ଅଲଚିକି ଭାଷା ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପିଠ ସ୍ଥଳ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବ। ଏହାର ସୁରକ୍ଷା ସକାଶେ ତୁରନ୍ତ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଉପରୋକ୍ତ ପ୍ରକଳ୍ପଗୁଡ଼ିକ ପ୍ରତ୍ୟାହାର ସକାଶେ ଦୃଢ଼ ଦାବି କରିବା ସହ ଏଭଳି କାର୍ଯ୍ୟକଳାପକୁ ରାଜ୍ୟ ଏବଂ କେନ୍ଦ୍ର ଉଭୟ ଭାଜପା ସରକାରଙ୍କ ପ୍ରତି କ୍ଷୋଭ ପ୍ରକାଶ କରିଥିଲେ। ବିକ୍ଷୋଭକାରୀଙ୍କ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କୁ ଉଦ୍ଦେଶ୍ୟରେ ଉପ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଆଦିବାସୀ ସମ୍ପ୍ରଦାୟର ସିଦ୍ଧିଲାଲ ମୁର୍ମୁ, ସରପଞ୍ଚ ଲୁହିମଣୀ ଟୁଡୁ, ସାଲୁ କିସ୍କୁ, ସୁନ୍ଦର ମୋହନ ମାଝୀ ଏବଂ ରବିନ୍ଦ୍ର ହାଁସଦାଙ୍କ ନେତୃତ୍ୱରେ ଆଦିବାସୀ ମହିଳା, ପୁରୁଷ, ଯୁବତୀ, ଯୁବକ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପାଟଣା, ୧୭।୨ (ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତ ଡଳଙ୍ଗ ଗ୍ରାମରେ ସୋମବାର ଅପରାହ୍ନରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତ(୭୫)।ସେ ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁ ପୋଖରୀରେ ବୁଡି ଯାଇଥିଲେ। ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି।

### ୧୯୯୬ ବ୍ୟାଚ୍‌ର ବନ୍ଧୁମିଳନ

ବଉଳା, ୧୭।୨ (ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟର ୧୯୯୬ ମସିହାର ବ୍ୟାଚ୍‌ର ବନ୍ଧୁ ମିଳନ ମା' ଗଡ଼ଚଣ୍ଡି ପୀଠରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅମିୟ ରଞ୍ଜନ ନାୟକଙ୍କ ସଂଯୋଜନାରେ ବନ୍ଧୁମାନେ କଲେଜ ବେଳର ସ୍ମୃତିକୁ ମନେ ପକାଇଥିଲେ। ପୁରାତନ ବନ୍ଧୁମାନେ ଦୀର୍ଘବର୍ଷ ପରେ ଏକତ୍ରିତ ହୋଇ ଭାବ ବିନିମୟ କରିଥିଲେ। ଯୁଧିଷ୍ଠିର ମଲ୍ଲିକ, ରବିନ୍ଦ୍ର ସ୍ୱାଇଁ, ସରତ ସେଠୀ, ପ୍ରଫୁଲ୍ଲ ବେହେରା, ହଳଧର ଜେନା, ଭାଗୀରଥି ବେହେରା, ମାନସ ଜେନା, ଖଗେଶ୍ୱର ରାଉତ, ରବୀନ୍ଦ୍ର ମୁଦୁଲି, ପ୍ରଶାନ୍ତ ଜେନା, ସନାତନ ଜେନା, ଚିନ୍ତାମଣି ବିଶ୍ୱାଳ, ବିକାଶ ପଣ୍ଡା, ଅନନ୍ତ ଚରଣ ପହି, ସୁରେନ୍ଦ୍ର ବିହାରୀ ସାହୁ ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ ବନ୍ଧୁ ବାନ୍ଧବୀ ସାମିଲ ହୋଇଥିଲେ।

### ଅଷ୍ଟମ ପ୍ରହର ହରିନାମ ସଂକୀର୍ତ୍ତନ



ହାଟଡ଼ିହୀ, ୧୭।୨ (ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପନ୍ଦାଡ଼ୋ ଗ୍ରାମର ଭୂୟାଁ ସମ୍ପ୍ରଦାୟ ତରଫରୁ ୩ ଦିନ ବ୍ୟାପୀ ଅଷ୍ଟମ ପ୍ରହର ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ନିକଟସ୍ଥ ଶନି ପୋଖରୀରୁ କଳସ ବୁଡ଼ାଯାଇ ଅଣାଯାଇଥିଲା। ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ଶୁଭ ଅଧିବାସ କାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଦିନରେ ଦିବାରାତ୍ର ନାମ ସଂକୀର୍ତ୍ତନ ଏବଂ ତୃତୀୟ ଦିନରେ ନଗର ପରିକ୍ରମା ହୋଇଥିଲା। ବହୁ ସଂଖ୍ୟାରେ ହରି ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପ୍ରତି ବର୍ଷ ବେଲବାହାଲୀ ମଠରୁ ବୈଷ୍ଣବ ଅଚ୍ୟୁତାନନ୍ଦ ଦାସଙ୍କୁ ନେଇ ଅଷ୍ଟମ ପ୍ରହର କାର୍ଯ୍ୟକ୍ରମ ହୋଇଥାଏ। ମୁଖ୍ୟ କଳସଧାରୀ ଚନ୍ଦ୍ରଶେଖର ଭୂୟାଁ ଦଧିଭାଣ୍ଡ ଧରି ସମସ୍ତ ଗୌର ଭକ୍ତଙ୍କ ସହ ନଗର ଭ୍ରମଣ ସହ ଦଧିଭାଣ୍ଡ ଭଙ୍ଗାଯାଇ ଉଦଯାପନ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ଏବଂ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବହୁ ସଂଖ୍ୟାରେ ଜନ ସମାଗମ ହୋଇଥିଲା।

### ବିଏସ୍‌ଏନ୍‌ଏଲ୍ ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

କେନ୍ଦୁଝର, ୧୭।୨ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ମହକୁମାଠାରେ ଅଲ ଇଣ୍ଡିଆ ବିଏସ୍‌ଏନ୍‌ଏଲ୍ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପେନ୍‌ସନ୍ ରିଭିଜନ ଏବଂ ମେଡିକାଲ ବେନିଫିଟ୍ ମିଳୁ ନ ଥିବା ବେଳେ ଇନ୍‌କମ ଟ୍ୟାକ୍ସ ପାଇଁ ବଡ଼ ସମସ୍ୟା ହେଉଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ୨୦୧୭ ଜାନୁଆରୀ ମାସ ୧ ତାରିଖରୁ ପେନ୍‌ସନ୍ ବୃଦ୍ଧି ନେଇ ଦାବି ମଧ୍ୟ କରିଥିଲେ। ବୈଠକରେ ସର୍ବଭାରତୀୟ ଉପ ସଭାପତି ଅନ୍ତର୍ଯ୍ୟାମୀ ଧୋପାଳ, ମୁଖ୍ୟ ଅତିଥିଭାବେ ଜିଲା ସଭାପତି ସତ୍ୟ ରଞ୍ଜନ ସାମଲ, ଜିଲା ସମ୍ପାଦକ ଆନନ୍ଦ ଚନ୍ଦ୍ର ଜେନା, କୋଷାଧ୍ୟକ୍ଷ କିରାଣୀ ପ୍ରଧାନ, ଅକ୍ଷୟ ମହାନ୍ତ, ରାନୁ ନାଥ ନାୟକ, ଅଭିମନ୍ୟୁ ସ୍ୱାଇଁ, ପର୍ଶୁରାମ ଜେନା, ନାରାୟଣ ସାହୁ, ଶ୍ରୀକାନ୍ତ ସେଠୀ, ରତ୍ନାକର ନାୟକ, ସୁରେଶ ନାୟକ, ନିତ୍ୟାନନ୍ଦ ନାୟକ, ଉଦିଆ ପାତ୍ର, ପୂର୍ଣ୍ଣିମା ମହାରଣା, ଲକ୍ଷ୍ମଣ ହେସା, ଗୋବର୍ଦ୍ଧନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଆଦିବାସୀ, ଠାକୁରଙ୍କ ଜମିରେ ଘର ନିର୍ମାଣ

## ତଦନ୍ତ ଆଦେଶ ହେଉଛି, କାର୍ଯ୍ୟାନୁଷ୍ଠାନ ହେଉନି

କେନ୍ଦୁଝର, ୧୭।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ତହସିଲ ଅନ୍ତର୍ଗତ ସାତସିଙ୍ଗା, ଖୁଣ୍ଟାପଡ଼ା, ବଡ଼ହଳ ଆଦି ମୌଜାରେ ସରକାରୀ, ଆଦିବାସୀ ଓ ଶ୍ରୀଶ୍ରୀ ବଳଦେବଜୀଉଙ୍କ ଜମିରେ ବେଆଇନ ଘର ନିର୍ମାଣ ହେଉଛି। ଏ ନେଇ ଦେବୋତ୍ତର ତଥା ରାଜସ୍ୱ ବିଭାଗ ନିରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ହେଁ ପ୍ରଶାସନ ଏହାର ତଦନ୍ତ କରିବେ ବୋଲି କହି ନିରବ ଦ୍ରଷ୍ଟା ସାଜିଥିବାରୁ ଅସନ୍ତୋଷ ବଢ଼ୁଛି।

ସୂଚନାଯୋଗ୍ୟ, ଜିଲା ମୁଖ୍ୟାଳୟରେ ଦୀର୍ଘ ବର୍ଷ ହେଲା ଏଭଳି ସରକାରୀ, ଆଦିବାସୀ ଓ ଠାକୁରଙ୍କ ଜମିରେ ବେଆଇନ ନିର୍ମାଣ ଚାଲିଛି। ବେଆଇନ କିଣାବିକାରେ ଜମି ବ୍ୟବସାୟୀ ମାଲାମାଲ ହେଉଥିବା ବେଳେ ଅନେକ ଠକେଇର ଶିକାର ହେଉଛନ୍ତି। ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରି ମୂଲ୍ୟବାନ ଠାକୁରଙ୍କ ଜମିକୁ ଜବରଦଖଲ ମୁକ୍ତ କରିବା ପରିବର୍ତ୍ତେ ପୌରପାଳିକା ପକ୍ଷରୁ ହୋଲ୍ଡିଂ ନମ୍ବର ଦେଇ ରାସ୍ତା, ଘାଟ, ଡ୍ରେନ୍, ପାଣି, ବିଦ୍ୟୁତ୍ ଆଦି ସୁବିଧା କରାଯାଇଥିବାରୁ ଜବରଦଖଲ ବଢ଼ୁଛି। ପୂର୍ବରୁ ଦେବୋତର ବିଭାଗ ପକ୍ଷରୁ ପୌରପାଳିକାକୁ ତାଗିଦା କରାଯାଇଥିଲେ ମଧ୍ୟ ରାସ୍ତାଘାଟ ନିର୍ମାଣ କରାଯାଉଥିବାରୁ ଜବରଦଖଲକାରୀଙ୍କୁ ପ୍ରୋତ୍ସାହନ ମିଳୁଛି ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି। କିଛି ବର୍ଷ ପୂର୍ବେ ଠାକୁରଙ୍କ ଜମିରେ ବେଆଇନ ଘର ନିର୍ମାଣ ଓ ପୌରପାଳିକା ପକ୍ଷରୁ ରାସ୍ତା, ଆଲୋକ ଓ ପାନୀୟ ଜଳ ବ୍ୟବସ୍ଥା ନେଇ ଅଭିଯୋଗ ପରେ ତତ୍‌କାଳିନ ଉପ ଜିଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଆଦେଶ କରିଥିଲେ। ବଡ଼ହଳ ଛକଠାରୁ କମ ଦୂରରେ ଆଦିବାସୀ ଓ ଠାକୁର ଜମି ବେଆଇନ ତଥା ମୌଖିକ କିଣାବିକା ହୋଇ ବଡ଼ ବଡ଼ ଅଟାଳିକା ନିର୍ମାଣ ନେଇ ଅଭିଯୋଗ ହୋଇଥିଲା। କିନ୍ତୁ ତାହା ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ ବୋଲି ଅଭିଯୋଗକାରୀ ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି। କେନ୍ଦୁଝରର ଆରାଧ ଶ୍ରୀଶ୍ରୀ ବଳଦେବଜୀଉଙ୍କ ଅନେକ ମୂଲ୍ୟବାନ ଜମି ଜବରଦଖଲ ହୋଇ ଘର, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଛି। ଉକ୍ତ ଘରକୁ ବିଦ୍ୟୁତ୍ ବିଭାଗ ଲାଇନ ସଂଯୋଗ ଏବଂ ପିଏଚ୍‌ଡି ବିଭାଗ ପାଣି ସଂଯୋଗ କିପରି ଦେଉଛି ତାହା ତଦନ୍ତ ସାପେକ୍ଷ। ଉକ୍ତ ମୌଜାରେ ବିଭାଗୀୟ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଜବରଦଖଲକାରୀ ପାଚେରି ମଧ୍ୟ ବୁଲାଉଛନ୍ତି। ବିଶେଷ କରି ସାତସିଙ୍ଗା ମୌଜାରେ ଥିବା ମୂଲ୍ୟବାନ ଜାଗାଗୁଡ଼ିକୁ ଜବରଦଖଲ କରି ମୌଖିକ ଜବାବରେ ମୂଲଚାଲ କରି ବିକ୍ରି ହେଉଛି। ଏପରିକି ଅନେକେ ବଳଦେବଜୀଉଙ୍କ ଜମିରେ ଘର କରି ଘରଭଡ଼ାକୁ ବ୍ୟବସାୟ କରିଛନ୍ତି। ସହର ବଣିଆପାଟ-ଖୁଣ୍ଟାପଡ଼ା ମୌଜାରେ ଦେବୋତର ଜମିରେ ଜବରଦଖଲ କରି ବହୁ ବେଆଇନ ଘର ନିର୍ମାଣ ହୋଇଛି। ଠାକୁରଙ୍କ ଜମି ଜବରଦଖଲ ଉଚ୍ଛେଦ କରିବାକୁ ଦାବି ହୋଇ ଆସୁଛି। ଦେବୋତର ବିଭାଗ ନିର୍ବାହୀ ଅଧିକାରୀ ତଥା କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳାଇ କହିଛନ୍ତି, ସେସବୁର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫୬ ଅଭିଯୋଗ ଆଗତ, ୧୨ ଫଇସଲା



ଜିଲାପାଳ ବିଶାଳ ସିଂହ ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କ ସହ କଥା ହେଉଛନ୍ତି।

ଘଟଗାଁ/ଢେଙ୍କିକୋଟ, ୧୭।୨ (ରାଜେନ୍ଦ୍ର ପଟ୍ଟନାୟକ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଆଦିବାସୀ ଅଧୁଷିତ ଘଟଗାଁ ବ୍ଲକ୍‌ରେ ସୋମବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ଜିଲା ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ରେ ଥିବା ୨୭ ପଞ୍ଚାୟତରୁ ୫୬ ଜଣ ଅଭିଯୋଗ ନେଇ ଆସିଥିଲେ। ସେଥି ମଧ୍ୟରୁ ୧୨ ଅଭିଯୋଗ ତୁରନ୍ତ ଫଇସଲା ହୋଇଥିବା ବେଳେ ୪୪ ଅଭିଯୋଗକୁ ଉପସ୍ଥିତ ଜିଲା ଓ ବ୍ଲକ୍‌ର ବିଭିନ୍ନ ପଦାଧିକାରୀଙ୍କୁ ତୁରନ୍ତ ତଦନ୍ତ କରି ଫଇସଲା କରିବା ପାଇଁ ଜିଲାପାଳ ଆଦେଶ ଦେଇଛନ୍ତି। କେନ୍ଦୁଝର ଜିଲାପାଳ ବିଶାଳ ସିଂହ, ଉପ ଜିଲାପାଳ ଉମା ଶଙ୍କର ଦଳେଇ, ଜିଲା ଅତିରିକ୍ତ ଆରକ୍ଷୀ ଅଧକ୍ଷା ହରପ୍ରିୟା ନାଏକ, ପୋଲିସ ପ୍ରକଳ୍ପ ଅଧିକାରୀ କୁମାର ନାଗଭୂଷଣ, ସିଡ଼ିଏମଓ ଡା. କିଶୋର ପୃଷ୍ଟି, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ଘଟଗାଁ ତହସିଲଦାର ଭବାନୀ ପ୍ରଧାନ, ଘଟଗାଁ ବିଡ଼ିଓ ଖଗେଶର ବରାଳ, ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ମୁକ୍ତିକାନ୍ତ ନାୟକ, ଜିଲା ଓ ବ୍ଲକ୍‌ର ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ। ଅତିରିକ୍ତ ବିଡ଼ିଓ ଚିତ୍ତରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଶୁଣାଣି ଶାନ୍ତି ଶେଷ ହୋଇଛି।

# ଦମୟନ୍ତୀ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି, ପରିବହନ ସମବାୟ ସମିତି ଲି. ସଭାପତି



ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦୁଝର, ୧୭।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ପରିବହନ ସମବାୟ ସମିତି ଲି. ଶୁଆକଟିର ନବ ନିର୍ବାଚିତ ସଭାପତି ହେଲେ ଦମୟନ୍ତୀ ମହାନ୍ତ। ସୋସାଇଟିର ନିର୍ବାଚନ ପ୍ରକ୍ରିୟା ୨୦୨୫ ଜାନୁଆରୀ ୧୮ରେ ଆରମ୍ଭ ହୋଇଥିଲା। ୩ ଫେବୃଆରୀ ମୋନାନୟନ ପତ୍ର ଦାଖଲ ଓ ମନୋୟନ ପତ୍ରର ତାଲିକା ପ୍ରକାଶନ ହୋଇଥିଲା। ୫ ଫେବୃଆରୀରେ ମୋନାନୟନ ପତ୍ର ଯାଞ୍ଚ ଏବଂ ଏହା ଉପରେ ପ୍ରମାଣସହିତ ଲିଖିତ ଅଭିଯୋଗ ଗ୍ରହଣ କରିଥିଲେ ନିର୍ବାଚନ ଅଧିକାରୀ। ମୋନାନୟନ ପତ୍ର ପ୍ରତ୍ୟାହାର ଫେବୃଆରୀ ୯ ରେ ହୋଇଥିବା ବେଳେ ୧୦ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ହୋଇଥିଲା। ସେଥିରେ ୧ ନମ୍ବର ଜୋନ୍‌ରେ ଲକ୍ଷ୍ମଣ ବାରିକ, ୨ ନମ୍ବର ଜୋନ୍‌ରେ ଗଜେନ୍ଦ୍ର ବାରିକ, ୩ ନମ୍ବରରେ ରୋହିତ ରଞ୍ଜନ ବାରିକ, ୪ ନମ୍ବରରେ ଚପଳା ନାଏକ, ୫ ନମ୍ବରରେ କଳ୍ପନା ପୁହାଣ, ୬ ନମ୍ବରରେ ଦୌପଦି ପ୍ରଧାନ, ୭ ନମ୍ବରରେ ଦମୟନ୍ତୀ ମହାନ୍ତ, ୮ ନମ୍ବରରେ ମଙ୍ଗୁଲୁ ପ୍ରଧାନ, ୯ ନମ୍ବରରେ ସଚିନ ମୁଣ୍ଡା, ୧୦ ନମ୍ବରରେ ସୁଦନ ମୁଣ୍ଡା, ୧୧ ନମ୍ବରରେ ବିଶ୍ୱଭୂଷଣ ସାଆନ୍ତ, ୧୨ ନମ୍ବରରେ ଗୋବିନ୍ଦ ମୁଣ୍ଡା, ୧୩ ନମ୍ବରରେ ଦନ୍ଦଲୋ ମୁଣ୍ଡା, ୧୪ ନମ୍ବରରେ କୃଷ୍ଣଚନ୍ଦ୍ର ନାଏକ ଏବଂ ୧୫ ନମ୍ବରରେ ଖଗେଶ୍ୱର ପୂର୍ତ୍ତୀ ନିର୍ଦ୍ୱନ୍ଦ୍ୱରେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସମିତିର ସଭାପତି ପଦ ଚୟନ ପାଇଁ ୧୧ ଫେବୃଆରିରେ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ନିର୍ବାଚିତ ୧୫ ଜଣ ନିର୍ଦ୍ଦେଶକ ମଧ୍ୟରୁ ଦମୟନ୍ତୀ ମହାନ୍ତ ଏକାକି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ବାଚନ ଅଧିକାରୀ ପ୍ରାର୍ଥିପତ୍ରକୁ ଯାଞ୍ଚ କରିବା ପରେ ୧୭ ଫେବୃଆରୀରେ ଦମୟନ୍ତୀ ମହାନ୍ତଙ୍କ ନାମକୁ ସଭାପତି ରୂପେ ଘୋଷଣା କରିଥିଲେ।

# ପୁଣି ଫ୍ଲାଏଓଭରରୁ ଖସିଲା ପାଇପ୍

## ବାଇକ୍ ଆରୋହୀ ଆହତ

ଯୋଡ଼ା, ୧୭।୨ (ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରରେ ନିର୍ମାଣ ହୋଇଥିବା ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭର ଉପରୁ ସୋମବାର ଅପରାହ୍ନ ୧ଟା ୩୦ରେ ଏକ ବଡ଼ ପାଇପ ଖସିପଡ଼ିଛି। ପାଇପ୍ ତଳେ ଯାଉଥିବା ବାଇକ ଆରୋହୀ ବଦ୍ରି ନାରାୟଣ କରଙ୍କ ଉପରେ ପଡ଼ିଥିଲା। ସେ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବଦ୍ରି ନାରାୟଣ ବ୍ୟାଙ୍କକୁ ଯାଉଥିବା ବେଳେ ୫୫ ନଂ. ପିଲର ଉପରୁ ବର୍ଷା ଜଳ ନିଷ୍କାସନ ପାଇପ ଖସି ତାଙ୍କ ଗୋଇଠିରେ ମାଡ଼



ହୋଇଥିଲା। ଘଟଣା ପରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲେ। ସେ ହସ୍ପିଟାଲ ଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କର କ୍ଷୋଭର ସହିତ କହିଥିଲେ, ଫ୍ଲାଏ ଓଭରଟି ବର୍ଷେ ନ ପୁରୁଣୁ ପାଇପ ଖସିବା, ସିମେଣ୍ଟ ଖଣ୍ଡ ଖସିବା, ଫ୍ଲାଏ ଉପରୁ ଜାଲି ବାହାରି ଲୁହା ରଡ୍ ଦେଖାଯିବା ଭଳି ଘଟଣା ଘଟୁଛି। ସେଥିପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ଦୁଃଖର ବିଷୟ। ନିମ୍ନମାନର ପାଇପ, କ୍ଲାମ୍ପ ଯୋଗୁ ଫ୍ଲାଏ ଓଭର ଉପରେ ଯାଉଥିବା ଭାରିଯାନର କମ୍ପନ ଯୋଗୁ ପାଇପ୍‌ଗୁଡ଼ିକ ସ୍ଥିର ରହୁନାହିଁ। ଏଥିଯୋଗୁ ପଥଚାରୀ ନିଜକୁ ସୁରକ୍ଷିତ ମଣୁ ନ ଥିବା ଯୁବ ସଂଗଠକ ଜଗନ୍ନାଥ ପାଣିଗ୍ରାହୀ, ସମୀର ଦାସ, ରମେଶ ଚନ୍ଦ୍ର ମହାପାତ୍ର, କାମାକ୍ଷା ପାତ୍ର ପ୍ରମୁଖ କହିଛନ୍ତି। ଏ ନେଇ ଓବିସିସି ମଧ୍ୟ ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିବା ସହିତ ଫ୍ଲାଏ ଓଭର ନିର୍ମାଣରେ ହୋଇଥିବା ଅନିୟମିତତାକୁ ସରକାର ଯାଞ୍ଚ କରିବା ଉଚିତ୍ ବୋଲି ସ୍ଥାନୀୟ ଲୋକ ମତ ଦେଇଛନ୍ତି।

# ୧୮୭୮ ବିଦ୍ୟାଳୟରେ ଏଲ୍‌ପିଜି, ତଥାପି କାଠରେ ରୋଷେଇ

କେନ୍ଦୁଝର, ୧୭।୨ (ଦୀପକ ମିଶ୍ର)

ଦିନକୁ ଦିନ ପରିବେଷ ସନ୍ତୁଳନ ହରାଇ ବସୁଛି। ତେଣୁ ଗ୍ଲୋବାଲ ୱାର୍ମିଂ ଚିନ୍ତା ସଚେତନ ନାଗରିକଙ୍କଠାରୁ ନେଇ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଘାରିଛି। ଗ୍ଲୋବାଲ ୱାର୍ମିଂକୁ ନିୟନ୍ତ୍ରଣ କରିବାର ଏକମାତ୍ର ମାର୍ଗ ହେଲା ବ୍ୟାପକ ଚାରାରୋପଣ। ତେଣୁ ସରକାର, ବିଭିନ୍ନ ଅନୁଷ୍ଠାନ ଏବଂ ନାଗରିକମାନେ ଚାରାରୋପଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜଙ୍ଗଲ କ୍ଷୟକୁ ରୋକିବା ପାଇଁ ବ୍ୟାପକ ଯୋଜନା କରୁଛନ୍ତି। ପୂର୍ବରୁ ବିଦ୍ୟାଳୟ ହଷ୍ଟେଲରେ ରୋଷେଇ ପାଇଁ କାଠ ବ୍ୟବହାର ହେଉଥିଲା। ଏହାକୁ ରୋକିବାକୁ ସରକାର ଏଲପିଜି ଗ୍ୟାସ ଯୋଗାଣ କଲେ। ଏପରିକି କେନ୍ଦୁଝର ଜିଲାରେ ୧୮୭୮ଟି ବିଦ୍ୟାଳୟ ହଷ୍ଟେଲରେ ଏଲପିଜି ଗ୍ୟାସ ଯୋଗାଣ ହୋଇଛି। ତଥାପି କାଠରେ ରୋଷେଇ ହେଉଥିବାରୁ ଚିନ୍ତାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ଆନନ୍ଦପୁର ବ୍ଲକ୍‌ରେ ୧୦୨ ବିଦ୍ୟାଳୟ ହଷ୍ଟେଲରେ ଏଲପିଜି ଗ୍ୟାସ ଯୋଗାଣ ହୋଇଛି। ସେହିପରି ବାଂଶପାଳ ବ୍ଲକ୍‌ର ୨୩୨, ଚମ୍ପୁଆର ୯୯, ଘସିପୁରାର ୧୨୧, ଘଟଗାଁର ୧୦୧, ହରିଚନ୍ଦନପୁରର ୨୫୭, ହାଟଡ଼ିହୀର ୩୨୧, ଝୁମ୍ପୁରାର ୧୧୧, ଯୋଡ଼ାର ୨୨୫, ସଦରର ୨୨, ପାଟଣାର ୮୬, ସାହାରପଡ଼ାର ୧୦୦ ଏବଂ ତେଲକୋଇ ବ୍ଲକ୍‌ର ୧୦୨ଟି ହଷ୍ଟେଲରେ ଏଲ୍‌ପିଜି ଗ୍ୟାସ ଯୋଗାଣ ହୋଇଛି। ଏହା ସତ୍ତ୍ୱେ ଅଧିକାଂଶ ହଷ୍ଟେଲରେ ରୋଷେଇ ପାଇଁ ଜାଳେଣି କାଠ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। କାରଣ ଗ୍ୟାସ ଅପେକ୍ଷ ଜାଳେଣି କାଠରେ ଖର୍ଚ୍ଚ କମ ହେଉଛି। ଜଙ୍ଗଲ ନିକଟରେ ବସବାସ କରୁଥିବା ବନବାସୀ ଜଙ୍ଗଲକୁ ଗଛ କାଟି ହଷ୍ଟେଲଗୁଡ଼ିକୁ କାଠ ଯୋଗାଉଛନ୍ତି। ଜଙ୍ଗଲ ନଷ୍ଟ ହେବା ସହିତ ଛାତ୍ରୀଛାତ୍ରଙ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଏବଂ ବନ ବିଭାଗ କାଠ ବ୍ୟବହାର କରୁଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏହା ନିୟନ୍ତ୍ରଣ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାଳେଣି କାଠ ବ୍ୟବହାର ନ କରି ଗ୍ୟାସରେ ରୋଷେଇ ପାଇଁ କୁହାଯାଇଛି। ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଆନ୍ଦୋଳନକାରୀ

## ଓଏମ୍‌ଡିସି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବଡ଼ବିଲ, ୧୭।୨ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଠାକୁରାଣୀସ୍ଥିତ ଓଏମ୍‌ଡିସି (ଓଡ଼ିଶା ମିନେରାଲ ଡେଭଲପମେଣ୍ଟ କମ୍ପାନୀ ଲିମିଟେଡ)ର ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀଙ୍କୁ ୬ ମାସ ଧରି ଦରମା ନ ମିଳିବା ନେଇ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ଲାଗି ଆନ୍ଦୋଳନ କରୁଛନ୍ତି। ୧୧ ଦିନ ପରେ ବି କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରି ଆନ୍ଦୋଳନକାରୀ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ସୂଚନା ଅନୁଯାୟୀ, ଓଏମ୍‌ଡିସି କମ୍ପାନୀରେ କାର୍ଯ୍ୟରତ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ କର୍ମଚାରୀ ଓ ଅଧିକାରୀଙ୍କୁ ଗତ ଅଗଷ୍ଟରୁ ଦରମା ମିଳୁ ନ ଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆପୋଷ ବୁଝାମଣା କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ବାଧ୍ୟ ହୋଇ ଗତ ୬ ତାରିଖଠାରୁ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ଲାଗି ଆନ୍ଦୋଳନରେ ବସିଥିବା ଜଣାପଡ଼ିଛି। ଇତି ମଧ୍ୟରେ ୧୧ ଦିନ ବିତିଯାଇଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଆନ୍ଦୋଳନରେ ସିଆଇଟିୟୁ ଅନୁବନ୍ଧିତ କେନ୍ଦୁଝର ୱାର୍କର୍ସ ୟୁନିୟନର ନେତା ଇନ୍ଦ୍ରମଣି ବେହେରା, ଆଇଏନଟିୟୁସି ଅନୁବନ୍ଧିତ ବଡବିଲ ମଜଦୁର ସଂଘର ନେତା ଏମଡି ଜିଆଉଲ୍ଲା ଖାନ, ଓଏମ୍‌ଡିସି କର୍ମଚାରୀ ସଂଘ ନେତା ଦେବକାନ୍ତ ରଥ ଓ ବିଏମ୍‌ଏସ୍ ଅନୁବନ୍ଧିତ ଓଏମ୍‌ଡିସି କର୍ମଚାରୀ ସଂଘର ନେତା ମନୋଜ ବିଶ୍ୱାଳ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ଜଣାପଡ଼ିଛି। ଜିଆଉଲ୍ଲା କହିଛନ୍ତି, କମ୍ପାନୀର ଅଧିକାରୀଙ୍କୁ ଲୁଚାଛପା ଭାବେ ପୁରୁଣା ବକେୟା ଟଙ୍କା ପ୍ରଦାନ କରି କର୍ମଚାରୀଙ୍କ ଦରମା ପ୍ରଦାନ ବନ୍ଦ ରଖି ପାତର ଅନ୍ତର ନୀତି ଅବଲମ୍ବନ କରୁଛନ୍ତି। କର୍ମଚାରୀଙ୍କ ଦରମା ପ୍ରଦାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ନିମନ୍ତେ ଜନଶୁଣାଣି ୱେବ୍ ସାଇଟ୍‌ରେ ଅବଗତ କରାଯାଇଛି।

# ଓଡ଼ିଶା ଗ୍ରାମ୍ୟବ୍ୟାଙ୍କର ବନ୍ଧୁମିଳନ

ଘସିପୁରା, ୧୭।୨ (ନିରଞ୍ଜନ ସାହୁ): ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଳପଡ଼ା କ୍ଲଷ୍ଟର ପକ୍ଷରୁ ଶୈଳଙ୍ଗସ୍ଥିତ ବାୟା ବାବାମଠ ପାର୍ଶ୍ୱରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ୟାଙ୍କର ପୁରାତନ ଓ ବର୍ତ୍ତମାନର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଜିଲାର ପୂର୍ବତନ ରିଜିଓନାଲ ମ୍ୟାନେଜର ସନ୍ଦିପ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ବର୍ତ୍ତମାନର ରିଜିଓନାଲ ମ୍ୟାନେଜର ମାନସ ରଞ୍ଜନ ମିଶ୍ର ପୂର୍ବତନ ରିଜିଓନାଲ ମ୍ୟାନେଜର ଜୟନ୍ତ ପାଲ ପ୍ରମୁଖ ଯୋଗଦେଇଥିଲେ। ଆନନ୍ଦପୁର ଶାଖାର ପରିଚାଳକ ସୁଦର୍ଶନ ବଳଙ୍କ ସଂଯୋଜନାରେ ବରିଷ୍ଠ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୀତିରଞ୍ଜନ ଆଚାର୍ଯ୍ୟ, ଅମିତ ମଲ୍ଲିକ, ମାନସ ରଞ୍ଜନ ପଣ୍ଡା, ଶୋଭାଚନ୍ଦ୍ର ମେହେର, ଜଗନ୍ନାଥ ଓଝା, ଦିବ୍ୟଶ୍ରୀ ବଳଭଦ୍ର ଦାସ ପ୍ରମୁଖଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

# ବିଦ୍ୟାଳୟ ଆଗରେ ମୃତଦେହ ରଖି ଧାରଣା

## ଛାତ୍ରୀନିବାସରେ ରହୁଥିବା ଛାତ୍ରୀଙ୍କ ମୃତ୍ୟୁ

ଚମ୍ପୁଆ, ୧୭।୨ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଭଣ୍ଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସରେ ରହୁଥିବା ଛାତ୍ରୀଙ୍କର କଟକ ଡାକ୍ତରଖାନାରେ ମୃତ୍ୟୁ ଘଟଣାକୁ ନେଇ ରବିବାର ରାତି ୧୦ରେ ବିଦ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ବିଦ୍ୟାଳୟ ଆଗରେ ମୃତଦେହ ରଖି ପ୍ରତିବାଦ କରିଥିଲେ। ଘଟଣାସ୍ଥଳରେ ବାରିଆ ପୋଲିସ, ବ୍ଲକ୍ ଜନ ମଙ୍ଗଳ ଅଧିକାରୀ ପ୍ରମୋଦ କୁମାର ନାଏକ ପ୍ରମୁଖ ପହଞ୍ଚି ବୁଝାସୁଝା ପରେ ପ୍ରାୟ ଦେଢ ଘଣ୍ଟା ପରେ ଅଭିଭାବକ ଛାତ୍ରୀଙ୍କ ମୃତଦେହ ଘରକୁ ନେଇଥିଲେ।

ସୂଚନା ଅନୁସାରେ, ଚମ୍ପୁଆ ବ୍ଲକ୍‌ର କେବି ଉଚ୍ଚ ବିଦ୍ୟାଳୟ ଭଣ୍ଡାଠାରେ ୧୦୦ ସଜ୍ୟା ବିଶିଷ୍ଟ ଛାତ୍ରୀ ନିବାସରେ ରହି ରଚୁଆଁଗୋଡ଼ା ଗ୍ରାମର ମିତ୍ରଭାନୁ ନାଏକଙ୍କ ଝିଅ ନନ୍ଦିନ ନାଏକ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ଗତ ୯ ତାରିଖରେ ନନ୍ଦିନିର ମା' କୌଣସି କାମ ପାଇଁ ନନ୍ଦିନୀକୁ ଘରକୁ ନେଇଥିଲେ। ଘରକୁ ନେବା ପରେ ନନ୍ଦିନୀଙ୍କ ଦେହ ଅସୁସ୍ଥ ହେବାରୁ ତାକୁ ଭଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦେହ ଅଧିକ ଖରାପ ହେବାରୁ ତାଙ୍କୁ ଜିଲା ଚିକିତ୍ସାଳୟ ଓ ପରେ ୧୩ ତାରିଖ ଦିନ କଟକ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଗତ ରବିବାର ଦିନ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ରାତି କଟକରୁ ମୃତଦେହକୁ ଅଣାଯିବା ପରେ ପରିବାର ଓ ଗ୍ରାମବାସୀ ମୃତଦେହକୁ ଛାତ୍ରୀ ନିବାସ ଆଗରେ ରଖି ବିରୋଧ ପ୍ରଦର୍ଶନ କରିଥିଲେ। ପରିବାର ପକ୍ଷରୁ ନନ୍ଦିନୀଙ୍କୁ ବିଦ୍ୟାଳୟରୁ ଉଚିତ ଚିକିତ୍ସା ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ କରାଯାଉଥିବା ବେଳେ ନେବା ବେଳେ ନନ୍ଦିନୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଥିବା ବିଦ୍ୟାଳୟ ସୂଚନା ଦେଇଥିଲେ। ବାରିଆ ଥାନା ଅଧିକାରିଣୀ ସୁନିତା କୁଲୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ହ୍ରାସ ପାଇବା ସହ ଅଭିଭାବକ ଛାତ୍ରୀଙ୍କ ମୃତଦେହକୁ ଘରକୁ ନେଇଥିଲେ। ସୋମବାର ଜନ ମଙ୍ଗଳ ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେଇ ସମବେଦନା ପ୍ରକାଶ କରିଥିବା ବେଳେ ବିଭାଗୀୟ ଅଧିକାରୀମାନେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କଥା ପଚାରି ବୁଝିଥିବା ନାଏକ ପ୍ରକାଶ କରିଥିଲେ।

# ମେଗା ପାନୀୟ ଜଳ ପ୍ରକଳ୍ପର ସୁରକ୍ଷା କର୍ମୀଙ୍କୁ ହତ୍ୟା ଅଭିଯୋଗ

- ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ
- ଉପଜିଲାପାଳଙ୍କୁ ଭେଟିଲେ ପରିବାର

ଆନନ୍ଦପୁର/ହାଟଡିହୀ, ୧୭।୨ (ସୁଶାନ୍ତ କୁମାର ସାହୁ/ଶୁଭକାନ୍ତ ନାୟକ)




ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ଉତ୍ତ୍ୟକ୍ତ ଲୋକମାନେ।

କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ଆନନ୍ଦପୁର ବ୍ୟାରେଜ ନିକଟରେ ଥିବା ମେଗା ପାନୀୟଜଳ ପ୍ରକଳ୍ପର ସୁରକ୍ଷା କର୍ମୀଙ୍କ ସନ୍ଦେହଜନକଭାବେ ମୃତଦେହ ଜବତ ହୋଇଛି। ମୃତକ ୨ ନମ୍ବର ୱାର୍ଡ ପଦ୍ମପୁର ଗାଁର ଶୁକଦେବ ସାହୁ। ମୁହଁରୁ ରକ୍ତ ବାହାରୁଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ସହ ନ୍ୟାୟ ଦାବିରେ ଉପଜିଲାପାଳଙ୍କୁ ଭେଟିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକଦେବ ମେଗା ପାନୀୟ ଜଳପ୍ରକଳ୍ପରେ ସୁରକ୍ଷା କର୍ମୀ ଭାବେ ଦୀର୍ଘ ଦିନ ହେବ କାର୍ଯ୍ୟ କରୁଥିଲେ। ରବିବାର ସନ୍ଧ୍ୟାରେ ଘରୁ ସାଇକେଲ ଯୋଗେ ଡ୍ୟୁଟି କରିବା ପାଇଁ ଯାଇଥିଲେ। ସକାଳେ ସେ ଘରୁକୁ ଫେରି ନ ଥିଲେ। ତାଙ୍କ ସହକର୍ମୀ ମୃତଦେହକୁ ବୈତରଣୀ ନଦୀ କୂଳରେ ପଡ଼ିଥିବା ଦେଖିଥିଲେ। ଘଟଣା ପ୍ରଘଟ ହେବା ପରେ ପରିବାର ଓ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଚିହ୍ନଟ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି କେହି ହତ୍ୟାକରି ଫିଙ୍ଗିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କ୍ଷତିପୂରଣ ଓ ନ୍ୟାୟ ଦାବିରେ ରାଜ୍ୟ ରାଜପଥ ୫୩କୁ ଅବରୋଧ କରିଥିଲେ। ଏଥିସହ ପରିବାର ଲୋକେ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାଦେବା ସହ ଉପଜିଲାପାଳ ଫାଲ୍‌ଗୁନୀ ମାଝୀଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଏତେ ବଡ଼ ପ୍ରକଳ୍ପରେ ସିସି କ୍ୟାମେରା ନ ଥିବାରୁ ଘଟଣାର ସତ୍ୟାସତ୍ୟ ଜଣାପଡ଼ିନାହିଁ। ଏହାର ଠିକ୍ ତଦନ୍ତକରି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ମୃତକଙ୍କ ଭାଇ ଶିବାନନ୍ଦ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ପ୍ରକଳ୍ପ କାମ କରୁଥିବା ସଂସ୍ଥା ଆର୍‌ପିଏସ୍ ପକ୍ଷରୁ ପରିବାର ଲୋକଙ୍କୁ ୭ ଦିନ ମଧ୍ୟରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନେଇ ଆନନ୍ଦପୁର ଥାନା ଅଧିକାରୀଙ୍କ ସମ୍ମୁଖରେ ଲିଖିତ ଭାବେ ଜଣାଇଛନ୍ତି। ଶୁକଦେବଙ୍କ ସ୍ତ୍ରୀଙ୍କୁ କମ୍ପାନୀ ଶେଷ ମିଆଦୀ ପର୍ଯ୍ୟନ୍ତ କାମ ନ କରି ସ୍ୱାମୀ ପାଉଥିବା ଦରମା ମିଳିବ ବୋଲି ଉଲ୍ଲେଖ କରିଛନ୍ତି। ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ କହିଛନ୍ତି, ମୃତଦେହ ଜବତହୋଇ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ମୁହଁରେ କ୍ଷତ ଚିହ୍ନ ଅଛି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ଦେବାକୁ ଘୋଷଣା କରିଛନ୍ତି।

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ସୋର,(ଜନ୍ମେଜୟ ମିଶ୍ର): ସୋର ବ୍ଲକ ପାଖର ପଞ୍ଚାୟତ ସୀତାପୁର ଗ୍ରାମର ହସ୍ତତନ୍ତ ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ବାଲେଶ୍ୱର ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ କୁଆଁର ମାରଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟ ଦୁଇ ଅଧିକାରୀ ଯୋଗେଶ୍ୱର ସିଂ ଓ ଦେବାଶିଷ ପାତ୍ର ଯୋଗ ଦେଇଥିଲେ। ଏଠାରେ ଅଞ୍ଚଳର ତାଳପତ୍ର ବୁଣାକାରମାନଙ୍କୁ ନେଇ ୬ମାସିଆ ତାଲିମ ଦିଆଯିବ।

**ବାଲେଶ୍ୱର**

## ସଂକ୍ଷେପରେ

### ବସ୍ତିରୁ ଚାଲାଣ ହେଉଥିବା ୩୭ ଗୋରୁ ଉଦ୍ଧାର



ବସ୍ତା, ୧୭।୨(ହରିଶଙ୍କର ପାଢ଼ୀ)- ବାଲେଶ୍ୱର ଜିଲା ବସ୍ତା ଥାନା ବାହାର୍ଦା ବସ୍ତିରେ ଗୋରୁ ବୋଝେଇ ଚାଲିଥିଲା ବେଳେ ରବିବାର ରାତିରେ ଗୋସେବା ଓ ସୁରକ୍ଷା ସମିତି ପକ୍ଷରୁ ୩୭ ଗୋରୁ ପୋଲିସ ସହାୟତାରେ ଧରାଯାଇଛି। ଗୋଚାଲାଣ ନେଇ କେତେକ ଯୁବକ ବାଲେଶ୍ୱର ଏସ୍‌ପିଙ୍କୁ ଜଣାଇଥିଲେ। ବସ୍ତା ପୋଲିସ୍ ଗାଡ଼ିରୁ ଗୋରୁମାନଙ୍କୁ ଓହ୍ଲାଇ ଛାଡ଼ିଦେଇଥିଲା। ଯୁବକମାନେ ମଥାନୀ ନିକଟରେ ଏକ ଗାଡ଼ିକୁ ଅଟକାଇ ସେଥିରୁ ୧୫ ଗୋରୁଙ୍କୁ ଉଦ୍ଧାର କରିଥିଲେ। ସେଠାରେ ପୋଲିସ୍ ମଧ୍ୟ ପହଞ୍ଚିଥିଲା। ସେହିପରି ଆଉ ଗୋଟିଏ ଗାଡ଼ିରେ ୨୨ ଗୋରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗାଡ଼ିରେ ବନ୍ଧା ହୋଇ ରହିଥିଲେ। ସେଥିରେ ଗୋଟିଏ ଗୋରୁ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ବାହାର୍ଦା ବସ୍ତି ଥାନା, ଏସ୍‌ଡ଼ିପିଓ ଏବଂ ବସ୍ତା ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୫ ଶହ ମିଟର ଦୂରରେ ରହିଥିଲେ ହେଁ ସେଠାରୁ ଗୋଚାଲାଣ ନିୟମିତ ହେବା ଦୁର୍ଭାଗ୍ୟଜନକ ବୋଲି ବସ୍ତା ଗୋସେବା ଓ ସୁରକ୍ଷା ସମିତି ପକ୍ଷରୁ କର୍ମକର୍ତ୍ତା ମାନସ ଦାସ, ସୂର୍ଯ୍ୟନାରାୟଣ ସାହୁ, ନିହାର ରଞ୍ଜନ ବେହେରା, ଦିବାକର ରାଉତ, ପ୍ରକାଶ କୁମାର କୁଣ୍ଡୁ, ଜ୍ୟୋତିର୍ମୟ ନନ୍ଦ ଅଭିଯୋଗ କରିଛନ୍ତି। ଗୋଚାଲାଣ ସମ୍ପୂର୍ଣ୍ଣ ବନ୍ଦ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ ବୋଲି କହିଛନ୍ତି।

### ଜଳେଶ୍ୱରବାସୀଙ୍କୁ ମିଳିବ ୨୪ ଘଣ୍ଟିଆ ପାଣିସେବା

ଜଳେଶ୍ୱର, ୧୭।୨ (ରବିନାରାୟଣ ପାତ୍ର): ଜଳେଶ୍ୱରବାସୀ ବହୁ ଦିନ ଧରି ୨୪ ଘଣ୍ଟା ବିଶୁଦ୍ଧ ପିଇବା ପାଣି ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ଜଳେଶ୍ୱରବାସୀଙ୍କ ଦାବିକୁ ଆଖି ଆଗରେ ରଖି ଜଳେଶ୍ୱର ପୌରପାଳିକାର ନଗରପାଳ ପ୍ରତୀପ କୁମାର ପ୍ରଧାନ ୨୦୨୨ରୁ ତତ୍କାଳୀନ ମନ୍ତ୍ରୀ ତଥା ବର୍ତ୍ତମାନର ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନିକଟରେ ସୁବର୍ଣ୍ଣରେଖା ନଦୀରୁ ପିଇବା ପାଣି ସହରବାସୀଙ୍କ ନିମନ୍ତେ ଉପଲବ୍ଧ କରାଇବା ପାଇଁ ପ୍ରସ୍ତାବ ରଖିଥିଲେ। ବିଧାୟକ ପାତ୍ରଙ୍କ ପ୍ରୟାସରେ ଏକ ଡିପିଆର ପ୍ରଥମେ ପ୍ରସ୍ତୁତ କରାଯାଇଥିଲା। ସେହି ଡିପିଆରକୁ ତତ୍କାଳୀନ ଜିଲାପାଳ ବାଲେଶ୍ୱର ଅନୁମୋଦନ କରିବା ପରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ମଧ୍ୟ ଅନୁମୋଦନ ମିଳିଥିଲା। ବିଭାଗଠାରୁ ଅନୁମୋଦନ ମିଳିବା ପରେ ଗତ ୧୪ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଛି। ଖୁବ୍‌ଶୀଘ୍ର ଜଳେଶ୍ୱରବାସୀ ୨୪ଘଣ୍ଟା ବିଶୁଦ୍ଧ ପିଇବା ପାଣି ପାଇବେ ବୋଲି ଆଶା ରହିଥିବାରୁ ନଗରପାଳ ପ୍ରଧାନ ବିଧାୟକ ପାତ୍ରଙ୍କୁ ଧନ୍ୟବାଦ ଜଣାଇବା ସହ ରାଜ୍ୟ ସରକାରଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

### ଜନସେବା କେନ୍ଦ୍ର ପରିଚାଳକଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଜଳେଶ୍ୱର, ୧୭।୨(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକରେ ସୋମବାର ଜଳେଶ୍ୱର ବ୍ଲକ ଏବଂ ପୌରପାଳିକା ଜନସେବା କେନ୍ଦ୍ର ପରିଚାଳକଙ୍କ ପକ୍ଷରୁ ଆଇଟି ଫାଇଲିଂ ଦ୍ୱାରା ତାଙ୍କ ରାଶନକାର୍ଡ କାଟିବା ବାବଦରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ ଏବଂ ପୌରପାଳିକାରେ କାର୍ଯ୍ୟରତ ଜନସେବା କେନ୍ଦ୍ରର ପରିଚାଳକମାନେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ମୁଦ୍ରା ଲୋନ୍ ଆଶାରେ ଆଇଟି ଫାଇଲିଂରେ ଅଧିକ ଦର୍ଶାଇଛନ୍ତି। ସେମାନେ ଆୟକରଦାତା ନୁହନ୍ତି ବୋଲି କହିଛନ୍ତି। ତେଣୁ ସେମାନଙ୍କ ରାଶନ ନ କାଟି ଏ ବିଷୟରେ ବିଚାର କରି ଉଚିତ୍ ପଦକ୍ଷେପ ନିଆଯାଉ ବୋଲି କହିଛନ୍ତି। ନ ହେଲେ ଏହା ଆଗାମୀ ଦିନରେ ଏକ ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସୁଜିତ୍ ଖଟୁଆ, ସନତ ସାହୁ, ପବିତ୍ର ସାହୁ, ପ୍ରଦୀପ ଘଢ଼େଇ, ଲକ୍ଷ୍ମୀକାନ୍ତ ପତି, ଅବଦୁଲ ରହିମ, ଶିବଶଙ୍କର ପ୍ରଧାନ, କ୍ରିଷ୍ଣାରାଣୀ ପତି, ବିଶ୍ୱରୂପ ଦାସ, ଗୋପାଳ ଚନ୍ଦ୍ର ଓ ଗଦାଧର କାମିଲା ପ୍ରମୁଖ ଉପସ୍ଥିତ ଥିଲେ।

# ବାୟୋ ଉତ୍ସ ପରିଚାଳନା, ଶକ୍ତି ସଂରକ୍ଷଣ ସାମଗ୍ରୀ ବିକାଶ ହେବ

### ୧୫ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବାଲେଶ୍ୱର, ୧୭।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଉତ୍କର୍ଷ କେନ୍ଦ୍ର ଆନୁକୂଲ୍ୟରେ ଉତ୍କର୍ଷ କେନ୍ଦ୍ର ତଥା ବାୟୋ-ଉତ୍ସ ପରିଚାଳନା ଏବଂ ଶକ୍ତି ସଂରକ୍ଷଣ ସାମଗ୍ରୀ ବିକାଶ ପାଇଁ ଏକ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଶିବିରର ସହଯୋଗାତ୍ମକ ଆଭିମୁଖ୍ୟ ହେଉଛି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଅଧିକ ପ୍ରଶିକ୍ଷଣ ପ୍ରଦାନ କରିବା। ବିଶ୍ୱବିଦ୍ୟାଳୟ ଅଧୀନ ୬ଟି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗରେ ଅଧ୍ୟୟନରତ ସ୍ନାତକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।




ଶିବିରାର୍ଥୀଙ୍କ ଗହଣରେ କୁଳପତି ଓ ଅତିଥିଗଣ।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ଶିବିରରେ ବିଜ୍ଞାନ ଜଗତର ବିଭିନ୍ନ ପ୍ରକ୍ରିୟା, ବ୍ୟବହୃତ ଉପକରଣ ସହ ପରିଚୟ, ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ସହ ଜ୍ଞାନ ବିନିମୟ, ଶିକ୍ଷକମାନଙ୍କଠାରୁ ଜ୍ଞାନ ଆହରଣ, ବିଷୟଗୁଡ଼ିକ ପ୍ରତି ଆଗ୍ରହ ପ୍ରଦର୍ଶନ, ବୈଜ୍ଞାନିକ ତଥା ବିଶେଷଜ୍ଞମାନଙ୍କ ସହ ଆଲୋଚନା ଆଦି ଅନେକ ସୁଯୋଗ ଛାତ୍ରଛାତ୍ରୀ ଲାଭ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଗଗନବିହାରୀ ନିତ୍ୟାନନ୍ଦ ଚଇନୀ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଶିବିର ଜ୍ଞାନ ଆହୋରଣର ଏକ ସୁଯୋଗ ବୋଲି ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା ବିଶ୍ୱବିଦ୍ୟାଳୟ ଉତ୍କର୍ଷ କେନ୍ଦ୍ରର ନୋଡାଲ ଅଫିସର ପ୍ରକାଶ ଚନ୍ଦ୍ର ମିଶ୍ର ଏହି ୧୫ଦିନିଆ ଶିବିର ଅନ୍ତର୍ଭୁକ୍ତ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଡ. ପୁନମ କୁମାରୀ ଉତ୍ସବ ସଞ୍ଚାଳନ କରିଥିଲେ। ଡ. ରାଜୀବ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ମହୁ ଖାଇବାକୁ ଆସି ଭାଲୁର ପ୍ରାଣ ଗଲା

ନୀଳଗିରି, ୧୭।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ମିତ୍ରପୁର ଅଯୋଧ୍ୟା ରାସ୍ତା ସିନ୍ଦୁରଗଉରା ପାଖରେ ମହୁ ଖାଇବା ଆଶାରେ ରବିବାର ରାତିରେ ଭାଲୁଟି ଗଛରେ ଚଢ଼ିଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛି। ସୋମବାର ସକାଳେ ଅଞ୍ଚଳବାସୀ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ତଦନ୍ତ କରିବା ସହ ଭାଲୁର ମୃତଦେହକୁ ତଳକୁ ଆଣି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

ସ୍ୱର୍ଣ୍ଣଚୂଡ଼ ସଂରକ୍ଷିତ ଜଙ୍ଗଲରୁ ଏକ ମା' ଭାଲୁ ଛୁଆଙ୍କୁ ଧରି ଖାଦ୍ୟ ଅନ୍ୱେଷଣରେ ମିତ୍ରପୁର ଅଞ୍ଚଳକୁ ଆସିଥିଲା। ମିତ୍ରପୁର ସିନ୍ଦୁରଗଉରା ଅଯୋଧ୍ୟା ରାସ୍ତା କଡ଼ରେ ଥିବା ଏକ ବର ଗଛରେ କିଛି ବାଘୁଆ ମହୁଥିବା ବେଳେ ଏହାକୁ ଖାଇବା ପାଇଁ ଭାଲୁଟି ଚଢ଼ି ମହୁ ମଧ ଖାଇଥିଲା। ମହୁ ଖାଇ ବରଗଛରୁ ପାଖରେ ଥିବା ଟ୍ରାନ୍ସଫର୍ମର ଖୁଣ୍ଟ ଧରି ତଳକୁ ଓହ୍ଲାଉଥିବା ବେଳେ



ଟ୍ରାନ୍ସଫର୍ମର ଉପରେ ମୃତ ଭାଲୁ।

ବିଦ୍ୟୁତ ଟ୍ରାନ୍ସଫର୍ମର ତାର ସଂସ୍ପର୍ଶରେ ଆସି ଭାଲୁର ମୃତ୍ୟୁ ହୋଇଛି। ଏହି ଜନଗହଳିପୂର୍ଣ୍ଣ ମୁଖ୍ୟରାସ୍ତା ପାର୍ଶ୍ୱରେ ଟାଟା ପାୱାର ଟ୍ରାନ୍ସଫର୍ମର ଚାରିପଟେ ବାରିକେଡ୍ ନ ଥିବା ଯୋଗୁ ପ୍ରାଣୀପ୍ରେମୀମାନଙ୍କୁ ଗଭୀର ଆଘାତ ଦେଇଛି।

# ତାଳସାରୀରେ ୪ ଅଲିଭ୍‌ରିଡ୍‌ଲେଙ୍କ ୫୦୪ ଅଣ୍ଡାଦାନ



ଅଣ୍ଡାଗୁଡିକ ସୁରକ୍ଷିତ ଭାବେ ଗର୍ତ୍ତ ମଧ୍ୟରେ ରଖାଯାଉଛି।

ଭୋଗରାଇ, ୧୭।୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମି ମୂରଲୀ ଚଢ଼ରେ ରବିବାର ପ୍ରଥମଥର ୪ ଅଲିଭରିଡଲେ ୫୦୪ ଅଣ୍ଡା ଦେଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଅଣ୍ଡାଗୁଡିକ ମୁରଲୀଚଢ଼ ହେଚେରୀରେ ବନବିଭାଗ ପକ୍ଷରୁ ତାରଜାଲି ଘେରା ମଧ୍ୟରେ ସୁରକ୍ଷିତ ଭାବେ ବାଲି ଗର୍ତ୍ତରେ ରଖାଯାଇଛି। ସୂଚନା ଅନୁଯାୟୀ ଗତବର୍ଷ ଏହି ବେଳାଭୂମିରେ ୩୫ ଅଲିଭ ରିଡଲେ ୩ହଜାର ୫୭୫ଟି ଅଣ୍ଡାଦାନ କରିଥିଲା। ଜଳେଶ୍ୱର ବନଖଣ୍ଡ ଅଧିକାରିଣୀ ଜୟଶ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି, ବନରକ୍ଷୀ ପ୍ରମିଳା ସେଣ ପ୍ରମୁଖ ବନ କର୍ମଚାରୀ ସାମୁଦ୍ରିକ କଇଁଛର ସୁରକ୍ଷା ନିମନ୍ତେ ପାଟ୍ରୋଲିଂ କରାଯାଉଛି। ପାଗ ଅନୁକୂଳ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଅଲିଭ ରିଡଲେ ସମୁଦ୍ରକୂଳକୁ ଆସି ଅଣ୍ଡା ଦେବାର ସମ୍ଭାବନା ରହିଛି ବୋଲି କହିଛନ୍ତି।

### ୧୮ କେନ୍ଦ୍ରରେ ୨୯୬୩ ମାଟ୍ରିକ ପରୀକ୍ଷାର୍ଥୀ

କାଳିପଦା, ୧୭।୨ (ରାଜଶ୍ରୀ ପାଣିଗ୍ରାହୀ)

ଚଳିତବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା। ଏଥିପାଇଁ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ମୋଟ୍ ୧୮ଟି ପରୀକ୍ଷା କେନ୍ଦ୍ରରେ ୨୯୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି

**ବାଲିଆପାଳ ବ୍ଲକ**

ଜଣାପଡ଼ିଛି। ସେଥିମଧ୍ୟରୁ ରେଗୁଲାର ୨୭୫୦ ଜଣ, ମାଧ୍ୟମିକ ୧୮୩ ଜଣ। ଏସ୍‌ଆର ବାଲିଆପାଳରେ ୨୩୮, କେବି ତାପୁଣ୍ଡିଆ ୧୧୮, ବିସି କଷାଫଳରେ ୧୪୬, ବିପିଏଲ ବାଲିଆପାଳରେ ୧୫୯, ଏଜପି ପଞ୍ଚୁପାଲିରେ ୧୨୮, ଆଇସି ବୋଲଂରେ ୧୬୮, କେସିଏନ ହାଇସ୍କୁଲ ୨୦୩, ଏନ୍‌ଏସ୍ କରଞ୍ଜରେ ୧୧୬, ଏନ୍‌ଏମ୍ ପ୍ରତାପପୁର ୧୬୩, ପିଏଲ୍ ଯୋଗାଇ ୧୭୯, ପିଆର୍ ରତାଇରେ ୨୪୮, ଆର୍‌ପି ଚଉମୁଖରେ ୧୭୭, ଏସ୍‌ବିଏସ୍‌ଏନ୍ ନିଖିରାରେ ୧୧୧, ଏସ୍‌କେ ହାଇସ୍କୁଲରେ ୧୮୨, ଏସ୍‌ସି ଦେଭୋଗରେ ୨୨୪, ଡାଙ୍ଗରପଦା ହାଇସ୍କୁଲରେ ୧୪୪, ଜିଜିୟୁବି ସୁନାରୋହି ୧୬୪, କେସି ଶ୍ରୀରାମପୁର ୯୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ପରୀକ୍ଷାର୍ଥୀମାନଙ୍କ ପାଇଁ ସକାଳ ୮ଟା ୧୫ ମିନିଟ୍‌ରେ ପ୍ରବେଶ ସମୟ ରଖାଯାଇଛି। ପ୍ରଶ୍ନପତ୍ର ଯୋଗାଣ ଏବଂ ପରିଚାଳନା ପାଇଁ ସୁବର୍ଣ୍ଣ ରେଖା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡ଼ାଲ କେନ୍ଦ୍ର ଭାବେ ଚୟନ କରାଯାଇଛି। ପରୀକ୍ଷାର ସ୍ୱଚ୍ଛତା ପାଇଁ ସିସିଟିଭି, ତ୍ରିସ୍ତରୀୟ ସ୍କ୍ୱାଡ୍ ଏବଂ ପ୍ରତି ପରୀକ୍ଷା କେନ୍ଦ୍ରରେ ପରିଦର୍ଶକ ଟିମ୍ ନିୟୋଜିତ କରାଯାଇଛି ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତା ପ୍ରଭା ସାମଲ ସୂଚନା ଦେଇଛନ୍ତି।

# 'ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ହେଉ'

### ବିଧାନସଭାରେ ବିଧାୟିକା ସୁବାସିନୀଙ୍କ ଦାବି

ବାଲେଶ୍ୱର,୧୭।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀ ଅଧୀନ ବସ୍ତା, ବାଲିଆପାଳ ଓ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଏବେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏହି ୩ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦୨୪ ଡିସେମ୍ବର ୧୧ ତାରିଖ ବିଧାନସଭାର ଶୀତକାଳୀନ ଅଧିବେଶନରେ ବସ୍ତା ବିଧାୟିକା ସୁବାସିନୀ ଜେନା ଏହି ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ହୋଇନାହିଁ। ଏଥିପାଇଁ ବିଧାୟିକା ଜେନା ଗୃହରେ ଉଦ୍‌ବେଗ ପ୍ରକାଶ କରିବା ସହ ସୋମବାର ବିଧାନସଭାରେ ପୁଣି ଦାବି ଦୋହରାଇଛନ୍ତି। ସେହିପରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଉପଯୁକ୍ତ ଚିକିତ୍ସା ମିଳିପାରୁନାହିଁ। ଏହି ପଦବୀ ସବୁ କେବେ ପୂରଣ କରାଯିବ



ବିଧାନସଭାରେ ପ୍ରଶ୍ନ ଉପସ୍ଥାପନ କରୁଛନ୍ତି ବିଧାୟିକା ସୁବାସିନୀ ଜେନା।

ବିଧାୟିକା ଜେନା ପଚାରିଥିଲେ।

ଉତ୍ତରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ କୁମାର ମହାଲିଙ୍ଗ କହିଥିଲେ ଯେ, ଗତ ୧୨ ତାରିଖରେ ଏନେଇ ରାଜ୍ୟ ଲୋକସେବା ଆୟୋଗଙ୍କ ପକ୍ଷରୁ ୫୨୪୮ଟି କନିଷ୍ଠବର୍ଗ ଡାକ୍ତର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଖୁବ୍‌ଶୀଘ୍ର ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ହେବ। ସେ ପର୍ଯ୍ୟନ୍ତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ପଠାଇବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# 'ଆଧ୍ୟାତ୍ମିକ ଚେତନାର ବିଲୟ ନାହିଁ'

### କଳିକଳୁଷ ନାଶିନୀ ଧାର୍ମିକ ଜାଗରଣ ଉଦ୍‌ଯାପିତ

ଭୋଗରାଇ, ୧୭।୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ପଞ୍ଚାୟତ ନୂତନ ଗ୍ରାମଠାରେ ୧୩ ଦିନ ବ୍ୟାପି ଚାଲିଆସୁଥିବା କଳିକଳୁଷ ନାଶିନୀ ଧାର୍ମିକ ଜାଗରଣ ସଭା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କମିଟି ସଭାପତି କୃପାସିନ୍ଧୁ ମହାପାତ୍ରଙ୍କ ସଭାପତିତ୍ୱରେ ପରିଚାଳିତ ଜାଗରଣ ମଞ୍ଚରେ କମିଟି ସଦସ୍ୟ ନିମାଇଁ ଚରଣ ମହାପାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ସତ୍ୟଶିବ ଦାସ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଏମ୍‌ସ କର୍କଟ ରୋଗର ବରିଷ୍ଠ ବିଶେଷଜ୍ଞ ପ୍ରଫେସର ସରୋଜ କୁମାର ଦାସ ମଜୁମଦାର, ସମ୍ମାନିତ ଅତିଥି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ନିବେଦିତା ମହାନ୍ତି,



ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି।

ଆଇନଜୀବୀ ଯାଦବେଶ ମିଶ୍ର, ସରପଞ୍ଚ ବାସୁଦେବ ମହାନ୍ତି, ଅବସରପ୍ରାପ୍ତ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକ ରଞ୍ଜିତ କୁମାର ଦାସ ପ୍ରମୁଖ ଯୋଗ ଦେଇ କଳିକଳୁଷ ନାଶିନୀ ଧାର୍ମିକ ଜାଗରଣ ଧର୍ମସଭାର ଆଧ୍ୟାତ୍ମିକ ଚେତନାର ବିଲୟ ନାହିଁ ବୋଲି ମତପ୍ରକାଶ କରିଥିଲେ। ପ୍ରଶାସନିକ ଅଧିକାରୀ ବ୍ରଜଗୋପାଳ ଦାସ, ସାମାଜିକ କର୍ମୀ ଜୀବନ ମିଶ୍ର ଓ ହିତ୍ରିକ ନାୟକଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୁନିକୁନି ପିଲାମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ କମିଟି ଉପସଭାପତି ପରେଶ ଚନ୍ଦ୍ର ପାତ୍ର, ସମ୍ପାଦକ ଭୂପେଶ ଚନ୍ଦ୍ର ପାତ୍ର, ସମୀକ୍ଷକ ଜଗନ୍ନାଥ ଦତ୍ତ, ଇଂ. ସୁନୀଲ କୁମାର କର, କମିଟି ଅଧ୍ୟକ୍ଷ ସତ୍ୟନାରାୟଣ ପାତ୍ର, ଧୀରେନ୍ଦ୍ର ମହାନ୍ତି, ସୁବାସ ଚନ୍ଦ୍ର ଦେ, ସୁବାସ ଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର କାମିଳା ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ସମବାୟ ଅର୍ବାନ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା




ବାଲେଶ୍ୱର, ୧୭।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସମବାୟ ଅର୍ବାନ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ବ୍ରିଟ କଲ୍ୟାଣମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ସୂର୍ଯ୍ୟକାନ୍ତ କର ଏଥିରେ ଅଧ୍ୟକ୍ଷତା କରି ବ୍ୟାଙ୍କର ଅଗ୍ରଗତି ଓ ନୂତନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦ ଉପସଭାପତି ନିଶାମଣି ପ୍ରଧାନ, ନିର୍ଦ୍ଦେଶକ ଉମାକାନ୍ତ ମହାପାତ୍ର, ହୁରମାତୁନ ବିବି, ସୁସ୍ମିତା ନାୟକ, ଅତୁଲ କୁମାର ଶତପଥି, ମନୋଜ କୁମାର ରାଉତ, ରଶ୍ମି ଦାସ, ଦୁକୁଲ ଚନ୍ଦ୍ର ଘରାଇ, ଉତ୍ପଳ ମହାନ୍ତି, ହରେନ ଚନ୍ଦ୍ର ରଣା, ଦୀପକ ଦାଶ, ଜୟପ୍ରକାଶ ଦାଶ, ଲୋକନାଥ ରଣା ଓ ଶ୍ରୀମନ୍ତ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ, ଉନ୍ନୟନ ଯୋଜନା ସହ ଚଳିତବର୍ଷରେ ହୋଇଥିବା ବିଭିନ୍ନ ସଂଶୋଧନମୂଳକ ନିୟମାବଳୀ ସଭାରେ ଅନୁମୋଦନ ହୋଇଥିଲା। ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବକାନ୍ତ ବେହୁରା ବାର୍ଷିକ ବିବରଣୀ ଓ ଆୟବ୍ୟୟର ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍‌ଘାଟନୀ ମ୍ୟାଚରେ ବାଲେଶ୍ୱର ୟୁ ଆଣ୍ଡ ମି ବିଜୟୀ

### ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଖଇରା, ୧୭।୨(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଅଧୀନ ପତିରାଜପୁର ମିନି ଷ୍ଟାଡିୟମରେ ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବାସୁଦେବପୁରର ଉତ୍କଳିକା ସ୍ପୋର୍ଟସ ଓ ବାଲେଶ୍ୱରର ୟୁ ଆଣ୍ଡ ମି ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ବାଲେଶ୍ୱର ବାସୁଦେବପୁରକୁ ୬ ଉଇକେଟରେ ପରାସ୍ତ କରିଛି। ମ୍ୟାଚରେ ୧୦୭ ରନ୍ କରିଥିବା ୟୁ ଆଣ୍ଡ ମିର ଦେବାଶିଷ ମହାନ୍ତିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଆକାଂକ୍ଷାର ପରିଚାଳନା ନିର୍ଦ୍ଦେଶକ ବିପିନ ଦାସମହାପାତ୍ର ମୁଖ୍ୟଅତିଥି, ଗୋଳିହା ସରପଞ୍ଚ ପୁଷ୍ପଲତା ଘଡେଇ ଓ ସମିତିସଭ୍ୟ ରଞ୍ଜନ କୁମାର ରାଉତ, ଝିଙ୍କିରିଆ ସରପଞ୍ଚ ନିତୁନିବେଦିତା ମାଝି ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଭାତ କୁମାର ସାହୁ ଓ ଈଶ୍ୱର ଚନ୍ଦ୍ର ମାଝି ପରିଚାଳନା କରିଥିଲେ। କୈଳାସ ମାଝି ଓ ଶିବସୁନ୍ଦର ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

# 'ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ବାଲେଶ୍ୱର ପ୍ରେସ କ୍ଲବର ରୌପ୍ୟଜୟନ୍ତୀ ସମାରୋହ

ବାଲେଶ୍ୱର,୧୭।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ପ୍ରେସ କ୍ଲବର ରୌପ୍ୟଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରକାରୀ ଦଳ ଉପ-ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଖବରଦାତାମାନେ ନିଜର ଶକ୍ତି ଓ ସାମର୍ଥ୍ୟକୁ ରାଷ୍ଟ୍ର ବିକାଶରେ ନିୟୋଜିତ କରିବା ଆବଶ୍ୟକ। ସେମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ସର୍ବଦା ସମ୍ବେଦନଶୀଳ ବୋଲି ବକ୍ତବ୍ୟରେ କହିଥିଲେ।

କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଭାବେ



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପ୍ରବେଶନର ଆଇପିଏସ୍ ଅର୍ଚ୍ଚିତା ମିତ୍ତଲ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସ୍ୱରୂପ କୁମାର ନାୟକ ଓ ସୁଦର୍ଶନ ଯେନା, ଶିଳ୍ପଦ୍ୟୋଗୀ ସଞ୍ଜୟ କୁମାର ଦାସ ଓ ଶିବୁ ପୋଦ୍ଦାର ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟରତ ସାମ୍ବାଦିକ ସମାଜର ଜାଗ୍ରତ ପ୍ରହରୀ। ସତ୍ୟ ଓ ନିର୍ଭୀକ ଖବର ପରିବେଷଣ ଦିଗରେ ସେମାନଙ୍କର ସାମାଜିକ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। କ୍ଲବ ଉପସଭାପତି ଅଧୀପ କୁମାର ଜେନା ମଞ୍ଚ ଆହ୍ୱାନ, ଉପସଭାପତି ରତିକାନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ବାଗ ସ୍ୱାଗତ ବକ୍ତବ୍ୟ, ସାଧାରଣ ସମ୍ପାଦକ ରାଜକିଶୋର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ରୌପ୍ୟଜୟନ୍ତୀ ସ୍ମରଣିକା 'ମାଧ୍ୟମ' ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଦୁଇ ବରିଷ୍ଠ ସାମ୍ବାଦିକ ଓ କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ମନୋଜ କୁମାର ରାଉଳ ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ସପନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ଗୋବିନ୍ଦ ରାଠୀଙ୍କ ମଞ୍ଚ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

